## ସଂକ୍ଷେପରେ

### ଆବାସ ଯୋଜନାରେ ଅନିୟମିତତା: ଜିଆର୍‌ଏସ୍ ନିଲମ୍ବିତ

**ତିର୍ତ୍ତୋଲ, ୧୩।୩ (ଡି.ଏନ୍.ଏ.):** ଆବାସ ଯୋଜନାରେ ଅନିୟମିତତା ନେଇ ତିର୍ତ୍ତୋଲ ବ୍ଲକ ବିଷନପୁର ପଞ୍ଚାୟତ ଜିଆରଏସ୍ ତପୁ ମହାପାତ୍ରଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଉକ୍ତ ପଞ୍ଚାୟତରେ କେତେଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ଜିଓ ଟ୍ୟାଗିଂ କରାଯାଇଥିବା ପ୍ରମାଣ ମିଳିବା ପରେ ଜିଲା ପ୍ରଶାସନ ପକ୍ଷରୁ ଜିଆର୍‌ଏସ୍ ମହାପାତ୍ରଙ୍କୁ ନିଲମ୍ବିତ କରାଯାଇଛି।

ସୂଚନାଥାଉ କି, ତିର୍ତ୍ତୋଲ ବ୍ଲକର ବିଷନପୁର, କନକପୁର ଏବଂ ଇନ୍ଦ୍ରିସିଂ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ପଞ୍ଚାୟତରେ ତଦନ୍ତ କରାଯିବା ପରେ ପ୍ରମାଣ ଭିତ୍ତିରେ ଜିଆରଏସ୍‌ଙ୍କୁ ନିଲମ୍ବିତ କରାଯାଇଛି। ଅନ୍ୟମାନଙ୍କ ବିରୋଧରେ ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ରଞ୍ଜନ କୁମାର ପରିଡ଼ା କହିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ



**ତିର୍ତ୍ତୋଲ, ୧୩।୩ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ଅଧୀନ ଗୋପାଳପୁର(ଶ) ପଞ୍ଚାୟତ ଶଙ୍ଖେଶ୍ୱର ଓ ଡେରକଣା ଗ୍ରାମସ୍ଥିତ ଶ୍ରୀଶ୍ରୀ ଖଇଫୁଟା ବଟ ମହାପୁରୁଷ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ନାମଯଜ୍ଞ, ଅନ୍ନଯଜ୍ଞ ଓ ପ୍ରବଚନ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପଣ୍ଡିତ ନିରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଅଙ୍କୁରାରୋପଣ, ଅଷ୍ଟପ୍ରହର ନାମଯଜ୍ଞ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା ସହ ସପ୍ତଶତୀ ଚଣ୍ଡୀ ଓ ଶ୍ରୀମଦ୍ ଭଗବଦ ଗୀତା ଆହୁତି ସମ୍ପନ୍ନ ହୋଇଥିଲା। ରମେଶ ଚନ୍ଦ୍ର ସାହୁ ଓ ପ୍ରତିମା ସାହୁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରବଚକ ପରିବ୍ରାଜକ ପ୍ରମୋଦ ପ୍ରବଚନ ଦେଇଥିଲେ। ସୁବାସ ମହାପାତ୍ର, ସରପଞ୍ଚ କୃଷ୍ଣପ୍ରସାଦ ଦାସ, ବିଜୟ ବିଶ୍ୱାଳ, ନୟନ ମହାପାତ୍ର, ରମାକାନ୍ତ ସାହୁ, ବଟକୃଷ୍ଣ ସାହୁ, ବିରଜା ମୋହନ ମହାପାତ୍ର, ମନୋରଞ୍ଜନ ଦାଶ, ମୀନକେତନ ଦାଶ, ଅଶୋକ ମହାପାତ୍ର, ଅଜୟ କୁମାର ସାହୁ, ଉତ୍ତମ ଚରଣ ସାହୁ, କ୍ଷୀରୋଦ ପରିଜା, ପୂଜକ ବାଙ୍କବିହାରୀ ଦାଶ, ଧୂଳମଣି କାନୁନ୍‌ଗୋ, ସନ୍ତୋଷ ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, ରବୀନ୍ଦ୍ର ଖୁଣ୍ଟିଆ, ଜ୍ଞାନେନ୍ଦ୍ର ମଲ୍ଲ, ଅଞ୍ଜନ ସାହୁ, ନିରଞ୍ଜନ ଜେନା, ଅର୍ଜୁନ ପୃଷ୍ଟି, ବିକଳି ଚରଣ ବାରିକଙ୍କ ସମେତ ଡେରକଣା, ଶଙ୍ଖେଶ୍ୱର, ବିଜିପୁର, ବେହେଡ଼ପୁର, ଗୋପାଳପୁର, ହାବେଳି, ପରୁଣାପୋଷଲ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବସ୍ତିବାସିନ୍ଦାଙ୍କ ପାଇଁ ହେବ ଉନ୍ନତମାନର ସହର

**ବସ୍ତିବାସିନ୍ଦାଙ୍କୁ ଯୋଗ୍ୟତା କାର୍ଡ ବଣ୍ଟନ ପ୍ରସଙ୍ଗ**

- ଥଇଥାନ ପାଇଁ ୨ ଦିନରେ ଦୁଇଥର ବୈଠକ
- ପ୍ରଶାସନିକ ସ୍ତରରେ ଗଠନ ହେଲା କମିଟି

**ପାରାଦୀପ, ୧୩।୩ (ସ୍ୱ.ପ୍ର.)**

ଦ୍ୱୈତଶାସନରେ ଥିବା ପାରାଦୀପ ବନ୍ଦର ସହରରେ ୫୫ଟି ଛୋଟବଡ଼ ବସ୍ତି ରହିଛି। ସେହି ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ ଏବେ ସରକାରୀସ୍ତରରେ ଉଦ୍ୟମ ଚାଲିଛି। ଗୁରୁବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ସେହି ନିଷ୍ପତ୍ତି ଆଧାରରେ ଶୁକ୍ରବାର ସନ୍ଧ୍ୟାରେ ପୁଣିଥରେ ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିବା ସହ କମିଟି ଗଠନ କରାଯାଇଛି। ଜିଲାପାଳ ମହାପାତ୍ର କହିଛନ୍ତି, ପାରାଦୀପର ସମସ୍ତ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯିବ ଏବଂ ସେମାନଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ସହାୟତା କରାଯିବ। ସଚିବସ୍ତରୀୟ ବୈଠକରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ସେହି ନିଷ୍ପତ୍ତି ଅନୁସାରେ, ସମସ୍ତ ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ ଯେତିକି ଜାଗା ଦରକାର ସେତିକି ଜାଗା ବନ୍ଦର କର୍ତ୍ତୃପକ୍ଷ ଦେବେ। ସେହି ଜାଗାରେ ଉନ୍ନତମାନର ଟାଉନ୍‌ଶିପ୍ ନିର୍ମାଣ କରାଯାଇ ସେମାନଙ୍କୁ ଥଇଥାନ କରାଯିବ। ଏଥିସହ ବିଦେଶୀ ପର୍ଯ୍ୟଟକ ଓ ବ୍ୟବସାୟୀ ପ୍ରତିନିଧିଙ୍କ ରହଣି ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଶୁକ୍ରବାର ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ପ୍ରଶାସନିକସ୍ତରରେ ଏକ କମିଟି ଗଠନ କରାଯାଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

ସୂଚନାଥାଉ କି, ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଦେବା ପାଇଁ ୨୦୧୭ରେ ଯୋଗ୍ୟତା ପ୍ରମାଣପତ୍ର କାର୍ଡ ପାଇଁ ସର୍ଭେ କରିଥିଲେ। ଏଥିରେ ପାରାଦୀପ ପୌରାଞ୍ଚଳରୁ ୧୪,୬୧୫ ବାସିନ୍ଦାଙ୍କ ନାମ ଚିହ୍ନଟ ହୋଇଥିଲା। ସେଥିରୁ ୧୨,୧୬୦ ଲୋକଙ୍କୁ ଗତ ମାର୍ଚ୍ଚ ୫ରେ ଯୋଗ୍ୟତା କାର୍ଡ ବଣ୍ଟନ ହେବାର ଥିଲା। ପାରାଦୀପ ବନ୍ଦର ଓ ରାଜ୍ୟ ସରକାରଙ୍କ ଜମି ବିବାଦ ଓ ଦ୍ୱୈତ ଶାସନ (ବୃହତ୍ ବନ୍ଦର ଆଇନ ୧୯୬୩, ପୌରପାଳିକା ଆଇନ ୧୯୭୯) ଥିବାରୁ ତାହା ବଣ୍ଟନ କରାଯାଇନାହିଁ।

# ତଳପାଟକରେ ଜଲସା-ଏ-ଇଦ୍ ମିଲାଦୁନ ନବୀ

**ବିରିଡି, ୧୩।୩ (ଡି.ଏନ୍.ଏ.)**

ବିରିଡ଼ି ବ୍ଲକ ଅଧୀନ ତଳପାଟକ ଅଞ୍ଜୁମନ ଫଲାଉଲ ମୁସଲେମିନ୍ ଆନୁକୂଲ୍ୟରେ ଗୁରୁବାର ତଳପାଟକ ରଜା ଜାମା ମସଜିଦ୍ ସମ୍ମୁଖରେ ଜଲସା-ଏ-ଇଦ୍-ମିଲାଦୁନ ନବୀ ଅନୁଷ୍ଠିତ ହୋଇଯାଇଛି। ଅଡ଼ଙ୍ଗ ମସଜିଦ୍‌ର ଇମାମ ହଜାରତ୍ ମୌଲାନା ସୟଦ ମଞ୍ଜର ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଇସଲାମୀୟ ଧର୍ମସଭାରେ ଅମରୋହା ଉତ୍ତରପ୍ରଦେଶର ହଜରତ ମୌଲାନା ମୁଫତି ସକିଲ ଏହମତ ରିଜିଓ୍ୱି ମୁଖ୍ୟଅତିଥି ଭାବ ଯୋଗ ଦେଇଥିବା ବେଳେ ରସଲପୁରର ଖଲିଫଏ ତାଜୁସ୍ ସରିୟା ହଜରତ, ମୌଲାନା ରିୟାଜତ ହୁସେନ ଅଟରି ଓ ହଜରତ୍ ମୌଲାନା ରଫିକୁଲ୍ଲା ଅଜହରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାତ୍‌ଖାଁ ଭାବେ ଝାଡଖଣ୍ଡ ଗିରିଡ଼ିରୁ ଆସିଥିବା ସାଏରେ ଇସଲାମ ଜନାବ ସମ୍ସ ତବରେଜ ଓ ଅଡ଼ଙ୍ଗ ବରାହପୁରର ସାଏରେ ଇସଲାମ ଜନାକ ଅବଦୁଲ ରସଦ୍ ସାବେରୀ ଯୋଗଦେଇ ମହମ୍ମଦଙ୍କ ଜୀବନୀ ଉପରେ ନାତ୍ ପଢ଼ିଥିଲେ। ଉପସ୍ଥିତ ମୌଲବୀମାନେ ମହାପୁରୁଷ ମହମ୍ମଦଙ୍କ ଜୀବନୀ ଉପରେ ବିସ୍ତୃତ ଆଲୋଚନା କରିବା ସହ ବର୍ତ୍ତମାନର ସମାଜରେ ଯୁବ ପିଢ଼ି, ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ପ୍ରତି ଆକୃଷ୍ଟ ହେବାକୁ ଆହ୍ୱାନ ଦେଇଥିଲେ। ତଳପାଟକସ୍ଥିତ ମଦ୍ରସା ଜାମିଆ ପୈଜାନେ ମୁସ୍ତଫାରୁ ପବିତ୍ର କୋରାନକୁ ମୁଖସ୍ଥ କରିଥିବା ଛାତ୍ର ଗୁଲାମ ଅହେମଦ୍ ରାଜା ଜଟଣୀ ଖୋର୍ଦ୍ଧାର ଉପାଧି ସ୍ୱରୂପ ହଜରତ ମୌଲାନା ରିଆଜତ୍ ହୁସେନ ଓ ହଜରତ ମୌଲାନା ମଞ୍ଜର ହୁସେନ ପଗଡି ପିନ୍ଧାଇ ସମ୍ମାନିତ କରିଥିଲେ।

ଶେଷରେ ସଲାତୋ ସଲାମ ପଢ଼ାଯାଇ ସମଗ୍ର ଜନସମାଜର ମଙ୍ଗଳ ଉନ୍ନତି ଓ ବିଶ୍ୱର ଶାନ୍ତି ନିମନ୍ତେ ପ୍ରାର୍ଥନା କରାଯାଇ ଜଲସା ଉଦ୍‌ଯାପିତ କରାଯାଇଥିଲା। ନକିବେ ଏହେଲେ ସୁନ୍ନତ ମୌଲାନା ଅଖତର ରାଜା ଜିୟାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଚାଳନାରେ ମୁଖ୍ୟତଃ ତଳପାଟକ ହାଫିଜ ଓକାରି ଜନାକ ମହମ୍ମଦ, ଆସିକ ହୁସେନ ରିଜଓ୍ୱି, ହାଫିଜ ମେହମୁଦ ରିଜିଓ୍ୱି, ଜାମିଆ ଫାଏଜା ନେମୁସ୍ତାଫାଲ ମୋଦରିସ ହାଫିଜ ଓକାରି, ମହମ୍ମଦ ନିଜାମୁଦ୍ଦିନ ହକିକ କମିଟିର ସଭାପତି ଜବାର ଉଦ୍ଦିନ ଖାଁ, ସମ୍ପାଦକ ମହମ୍ମଦ ଅରସଦରଜା, ସଭ୍ୟା ମୋହସିନ ଅଲୀ, ମହମ୍ମଦ ତାଜ ଉଦ୍ଦିନ, ଏଭୋମଦ ରଜା, ମେହମୁଦ୍ ଅଲୀ, ୱାସିଦ ଅଲୀ, ମୀରଜା ସାହାବାଜ ବେଗ, ଜିଲା ସଂଖ୍ୟା ଲଘୁ ସେଲ ସଭାପତି ମୀର ଆଜମୀର ଅଲୀ, ଜାମିଆ ଫଏନୋକ ମୁସ୍ତାଫାର ଉପସଭାପତି ଅଚକୁଲ କୟୁମ ଖାଁ, ସମ୍ପାଦକ କଲିମ ଅଲୀ ଖାଁ, ମହମ୍ମଦ ଅଫମୋଜ ଅଲୀ, ଉକ୍ତାର ଖାଁ ଓ ମୁନା ଖାଁ ପ୍ରମୁଖ ସହଯୋଗ କରିଥିଲେ।



ଧର୍ମସଭାରେ ଜଣେ ମୌଲବୀ ଉଦ୍‌ବୋଧନ ଦେଉଛନ୍ତି।

# ସରକାରୀ ଜମିରୁ ବେଆଇନ ବାଲିଉଠାଣ

**ଏରସମା, ୧୩।୩ (ସ୍ୱ.ପ୍ର.)**

ଏରସମା ତହସିଲ ଅଧୀନ ଗଡ଼କୁଜଙ୍ଗ ପଞ୍ଚାୟତସ୍ଥିତ ଭୂଆଁପାଳ ଗ୍ରାମରେ ସରକାରୀ ଜମିରୁ ବେଆଇନ ବାଲିଉଠାଣ କରୁଥିବା ଏକ ଟ୍ରକ୍ଟର ଓ ହିଟାଚି ଶୁକ୍ରବାର ଜବତ ହୋଇଛି। ପ୍ରକାଶ ଯେ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତରେ ବେଆଇନ ବାଲି ଉଠାଣ କରାଯାଉଥିବା ଏରସମା ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲା। ଶୁକ୍ରବାର ଅପରାହ୍ନରେ ତହସିଲଦାର ଚିତ୍ତରଞ୍ଜନ ମହାନ୍ତ ସଦଳବଳ ନୂଆଗାଁ ରାଜସ୍ୱ ସର୍କଲ ଅଧୀନ ଭୂଆଁପାଳ ଗ୍ରାମ ନିକଟରେ ପହଞ୍ଚି ବେଆଇନ ବାଲି ଉଠାଉଥିବା ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ହିଟାଚିକୁ ଜବତ କରିଥିଲେ। ହିସାଚିକୁ ଅଭୟଚାନ୍ଦପୁର ଥାନାରେ ଜିମା ଦିଆଯାଇଥିବା ବେଳେ ଟ୍ରାକ୍ଟରକୁ ତହସିଲକୁ ନିଆଯାଇଛି। ଘଟଣାସ୍ଥଳରୁ ୨ ଗାଡ଼ିର ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି।

**ଟ୍ରାକ୍ଟର, ହିଟାଚି ଜବତ**

# କରୋନା ସମ୍ପର୍କିତ ସଚେତନତା ଶୋଭାଯାତ୍ରା



ସଚେତନତା ଶୋଭାଯାତ୍ରାରେ ଅଙ୍ଗନୱାଡି, ଆଶା କର୍ମୀ ଓ ଅନ୍ୟମାନେ।

**ବିରିଡି, ୧୩।୩ (ଡି.ଏନ୍.ଏ.)**

ଚାଇନାରୁ ସୃଷ୍ଟ କରୋନା ଭୂତାଣୁଜନିତ ମୃତ୍ୟୁ ସଂଖ୍ୟା ୫ହଜାର ଟପିଲାଣି। ତେବେ ଏଥିରୁ ବର୍ତ୍ତିବା ପାଇଁ ବିଭିନ୍ନ ସତର୍କ ରହିବାକୁ ପରାମର୍ଶ ଦିଆଯାଉଥିବା ବେଳେ ଶୁକ୍ରବାର ବିରିଡ଼ି ବ୍ଲକ ଅଞ୍ଚଳର ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ଏସଏଚ୍‌ଜି କର୍ମୀମାନେ ଏ ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା କରିଥିଲେ। ଅଙ୍ଗନୱାଡି ସୁପରଭାଇଜର ପ୍ରତିମା ସ୍ୱାଇଁ, କର୍ମୀ କାଦମ୍ବିନୀ କର ଓ ସରପଞ୍ଚ ବିମଳ ପ୍ରସାଦ ସେଠୀଙ୍କ ନେତୃତ୍ୱରେ ବିରିଡ଼ି ବ୍ଲକ ହାଜିପୁର ପଞ୍ଚାୟତର ୧୦ଟି ଅଙ୍ଗନୱାଡି କେନ୍ଦ୍ରର କର୍ମୀ, ହେଲ୍‌ପର, ଆଶା କର୍ମୀ ଏବଂ ଏସଏଚଜି ସଦସ୍ୟାମାନେ ସାମିଲ ହୋଇଥିଲେ। ଚାନ୍ଦପୁର-୨ କେନ୍ଦ୍ରରୁ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ମହିଳାମାନେ ହାତରେ ପ୍ଲା କାର୍ଡ ଧରି ପ୍ରଥମେ ଚାନ୍ଦପୁର ଓ ହାଜିପୁର ଗ୍ରାମ ପରିକ୍ରମା କରିଥିଲେ। ଜନସାଧାରଣ କିପରି କରୋନାଠାରୁ ଦୂରେଇ ରହିପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ବିଶେଷ କରି ଖାଇବା ପୂର୍ବରୁ ସାବୁନରେ ହାତ ଭଲ କରି ଧୋଇବା, ଥଣ୍ଡା, କାଶ, ଛିଙ୍କ ହେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା, ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ସମସ୍ତେ ଯତ୍ନ ନେବାକୁ ଗ୍ରାମର ଲୋକମାନଙ୍କୁ ସତର୍କ କରାଯାଇଥିଲା। କର୍ମୀ ସେବତୀ ମଲ୍ଲିକ, ସସ୍ମିତା ମିଶ୍ର, ରୋଜାଲିନ ମିଶ୍ର, ବିନୋଦିନୀ ସେଠୀ, ରୋଜାଲିନ ବିଶ୍ୱାଳ, ଚାରୁଲତା ସାହୁ, ସଲାଜାଦି ବେଗମ, ମମତା ଭୋଇ, ଶର୍ମିଷ୍ଠା ସ୍ୱାଇଁଙ୍କ ସହ ଏସଏଚ୍‌ଜି ସଦସ୍ୟମାନେ ସାମିଲ ହୋଇଥିଲେ।

# 'ମାନସିକତାରେ ପରିବର୍ତ୍ତନ ହେଲେ ନାରୀ ନିର୍ଯାତନା କମିବ'




କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡା. ମିନତି ବେହେରା ଓ ଅନ୍ୟମାନେ।

**ପାରାଦୀପ, ୧୩।୩ (ସ୍ୱ.ପ୍ର.)**

ପାରାଦୀପ ପୋର୍ଟ ୱାର୍କିଂ ଓମେନ ସେଲ୍ ପକ୍ଷରୁ ଶୁକ୍ରବାର ଆନ୍ତର୍ଜାତିକ ମହିଳା ସପ୍ତାହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡା. ମିନତି ବେହେରା, କମିଶନ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି, ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ, ଉପାଧ୍ୟକ୍ଷ ଏ.କେ. ବୋଷ, ଲେଡିଜ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ ପ୍ରମୁଖ ଯୋଗଦେଇଥିଲେ। ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ବିଭିନ୍ନ କ୍ଷେତ୍ରରେ ମହିଳାମାନେ ନିର୍ଯାତିତ ହେଉଛନ୍ତି। ତେବେ ଏଥିପାଇଁ ଉପଯୁକ୍ତ ଆଇନ ସହ ଲୋକମାନଙ୍କ ମାନସିକତାରେ ପରିବର୍ତ୍ତନ ହେବା ଦରକାର ବୋଲି ଅତିଥିମାନେ କହିଥିଲେ। ପାରାଦୀପ ବନ୍ଦର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧୯୯୨ରୁ ଏ ପର୍ଯ୍ୟନ୍ତ ନିରନ୍ତର ପ୍ରଚେଷ୍ଟା ଚଳାଇଛି। ପ୍ରଥମେ ପୌଢ଼ ଶିକ୍ଷା ଏବଂ କମ୍ପ୍ୟୁଟର ଶିକ୍ଷା ଦିଆଯାଉଛି ବୋଲି ଅଧ୍ୟକ୍ଷ ରାୟ କହିଥିଲେ। ଶେଷରେ ମହିଳା ଦିବସ ଉପଲକ୍ଷେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଆରମ୍ଭ ହେଲା 'ମୋ ପାରାଦୀପ' ଯୋଜନା

**ବେଳାଭୂମିରେ ହେବ ସେଲ୍ଫି ଜୋନ୍**

**ପାରାଦୀପ, ୧୩।୩ (ସ୍ୱ.ପ୍ର.)**

ରାଜ୍ୟର ପ୍ରଗତିର ମୁଖଶାଳା କୁହାଯାଉଥିବା ପାରାଦୀପରେ ଏବେ ପର୍ଯ୍ୟଟନର ବିକାଶ ପାଇଁ ଶୁକ୍ରବାରଠାରୁ ଆରମ୍ଭ ହୋଇଛି 'ମୋ ପାରାଦୀପ' ଯୋଜନା। ବିସ୍ତୀର୍ଣ୍ଣ ବେଳାଭୂମି, ବିଦେଶାଗତ ପଣ୍ୟବାହୀ ଜାହାଜ, ମହାନଦୀ ମୁହାଣ, ଜଟାଧାର ମୁହାଣ, ବତିଘର, ଡପ୍‌ଲର ରାଡାର, ବିଜ୍ଞାନ ପାର୍କ, ସ୍ମୃତି ଉଦ୍ୟାନ, ସବୁଜ ଉଦ୍ୟାନ, ୧୫ଟି ବୃହତ୍ ଶିଳ୍ପ, ଉଦୟବଟ, ପାରେଶ୍ୱର ମନ୍ଦିର, ଲୋକନାଥ ମନ୍ଦିର ଭଳି ଅନେକ ଦର୍ଶନୀୟସ୍ଥାନ ଅଛି। ସେ ସବୁ ସମ୍ପର୍କରେ ଜାଣିବା ପାଇଁ 'ମୋ ପାରାଦୀପ' ଯୋଜନା ଆରମ୍ଭ କରାଯାଇଛି ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି। ଏ ନେଇ ଜିଲାପାଳ ମହାପାତ୍ର ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏଡିଏମ୍ କାହ୍ନୁଚରଣ ଧୀର, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ସହ ଆଲୋଚନା କରିବା ସହ ସନ୍ଧ୍ୟାରେ ବେଳାଭୂମି ଅଞ୍ଚଳ ବୁଲି ଦେଖିଥିଲେ। ଆସନ୍ତା ମାସକ ମଧ୍ୟରେ ବେଳାଭୂମିରେ ଏକ ସେଲ୍ଫି ଜୋନ୍ ନିର୍ମାଣ କରାଯିବ। ସେଠାରେ ଲୋକେ ସେଲ୍ଫି ନେବା ସହ ପାରାଦୀପ ସମ୍ପର୍କରେ ଅବଗତ ହେବେ। ଏଥିସହ ବେଳାଭୂମିର ଆହୁରି ସୌନ୍ଦର୍ଯ୍ୟକରଣ କରାଯିବ। ଏଥିପାଇଁ ବିଭିନ୍ନ ପ୍ରକଳ୍ପ କରାଯିବ। ପାରାଦୀପକୁ ପର୍ଯ୍ୟଟନ କ୍ଷେତ୍ର କରିବା ପାଇଁ ସରକାରୀସ୍ତରରେ ଅନେକ ପ୍ରସ୍ତାବ ଥିବା ଜିଲାପାଳ କହିଥିଲେ।

# ତିର୍ତ୍ତୋଲ ବାର୍ ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ

**ତିର୍ତ୍ତୋଲ, ୧୩।୩ (ଡି.ଏନ୍.ଏ.)**

ତିର୍ତ୍ତୋଲ ବାର୍ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପଦବୀରେ ଜଣେ ଲେଖାଏ ପ୍ରାର୍ଥୀ ଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ରାଜକିଶୋର ପଟ୍ଟନାୟକ, ଉପ-ସଭାପତି ଟୁକନ ଚରଣ ସେଠୀ, ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ, ସହ ସମ୍ପାଦକ ରଶ୍ମିତା ଦାସ ଓ କୋଷାଧ୍ୟକ୍ଷ ଭାବେ ଦେବେନ୍ଦ୍ର କୁମାର ନାୟକ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଶୁଭେନ୍ଦୁ କୁମାର ରାୟ ସୂଚନା ଦେଇଛନ୍ତି।

# ଜଗନ୍ନାଥ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ ଶେଷ



ଜଗନ୍ନାଥ ଟ୍ରକ ମାଲିକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା।

**ପାରାଦୀପ, ୧୩।୩ (ସ୍ୱ.ପ୍ର.)**

ପାରାଦୀପ ଜଗନ୍ନାଥ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ ଜଣ ପୁରୁଣା କର୍ମକର୍ତ୍ତାମାନେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବିପୁଳ ଭୋଟରେ ଜିତିଥିବା ଜଣାଯାଇଛି। ସଭାପତି ଭାବେ ଛଇଳ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ଉମାକାନ୍ତ ମିଶ୍ର, ଉପ ସଭାପତି ପ୍ରକାଶ କୁମାର ଜେନା, ସମ୍ପାଦକ ମନୋଜ କୁମାର ସ୍ୱାଇଁ, ସହ ସମ୍ପାଦକ ସୁଧୀର କୁମାର ଜେନା ଓ କୋଷାଧ୍ୟକ୍ଷ ଭାବେ ସୁନାକର ମହାନ୍ତି ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ବିଜୟୀ ପ୍ରାର୍ଥୀମାନେ ସମର୍ଥକଙ୍କ ସହ ଖୁସି ମନାଇଛନ୍ତି।

# 'ଦେଶ ବିକାଶରେ ନାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ନାଉଗାଁ, ୧୩।୩ (ସ୍ୱ.ପ୍ର.)**

ଦେଶ ବିକାଶରେ ନାରୀମାନଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏକ ସୁସ୍ଥ ପରିବାର ଗଠନ କରିବାରେ ନାରୀମାନଙ୍କ ଅବଦାନ ଅତୁଳନୀୟ। ଏବେ ନାରୀମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କଲେଣି। ନାରୀ ଅବଳା କି ଦୁର୍ବଳା ନୁହନ୍ତି, ନାରୀ ହେଉଛନ୍ତି ସ୍ୱୟଂ ସମ୍ପନ୍ନା। ତେବେ ଆମ ରାଜ୍ୟରେ ନାରୀମାନଙ୍କୁ ସବୁକ୍ଷେତ୍ରରେ ଅଗ୍ରାଧିକାର ଦେବା ଓ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ସକାଶେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ବିଭିନ୍ନ ଯୋଜନା ଆରମ୍ଭ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ରାଜ୍ୟ ସରକାର ମିଶନଶକ୍ତି ଯୋଜନା ଆରମ୍ଭ କରିଛନ୍ତି, ଯାହା ରାଜ୍ୟରେ ଅନେକ ମାତ୍ରାରେ ସଫଳ ହୋଇପାରିଛି ବୋଲି ନାଉଗାଁ ବ୍ଲକ ଅଧୀନ ଚଗଲା ଦାସ ମଠ ପରିସରରେ ଅନୁଷ୍ଠିତ ମହିଳା ସମାବେଶରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଜୁ ପଟ୍ଟନାୟକଙ୍କ ୧୦୪ ତମ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ପ୍ରଥମେ ବ୍ଲକ ଛକଠାରେ ଥିବା ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଇଥିଲେ।

ନାରୀନେତ୍ରୀ ଏଲିନା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଏମ୍‌ପି ଡ. ରାଜଶ୍ରୀ ମଲିକ, ରାଜ୍ୟ ଶିଶୁ ଓ ମହିଳା ବିକାଶ ଆୟୋଗ ଅଧ୍ୟକ୍ଷା ସଞ୍ଜୁଲତା ଦେଓ, ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ, ଜଗତ୍‌ସିଂହପୁର ବ୍ଲକ ଚେୟାରମ୍ୟାନ ବିଜୟଲକ୍ଷ୍ମୀ ବେହେରା, ପର୍ଯ୍ୟବେକ୍ଷକ ରସନା ସାହୁ, ନାଉଗାଁ ବ୍ଲକ ସଭାନେତ୍ରୀ ରୀତା ମହାନ୍ତି, କନକପ୍ରଭା ଲେଙ୍କା, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ମଲିକ, ବିଳାସିନି ଦେବୀ, କିରଣ ବାଳା ସାସମଲ, ଜିଲା ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦାସ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରକାଶ ବସ୍ତିଆ, ବ୍ଲକ ବିଜେଡି ସଭାପତି ସୁଜିତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୧୨ ଜଣ ମହିଳାଙ୍କୁ ଅତିଥିମାନେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜିଲାସଭାପତି ଭାବେ ବିଧାୟକ ମୁଦୁଲିଙ୍କୁ ନିଯୁକ୍ତ କରାଯାଇଥିବାରୁ ବ୍ଲକ ମହିଳା ବିଜୁ ଜନତା ଦଳ ପକ୍ଷରୁ ତାଙ୍କୁ ପୁଷ୍ପମାଲ୍ୟ ଦିଆଯାଇ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।



କର୍ମୀମାନେ ମଞ୍ଚ ଉପରେ ଏମ୍‌ପି, ବିଧାୟକ ଓ ଅନ୍ୟମାନଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରୁଛନ୍ତି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଭଣ୍ଡାର ସାମଗ୍ରୀ ଯୋଗାଣ**
ନଂ.: ଏସ୍/ଏପି/୨୦୧୯-୨୦/ଆଡିଶନ୍/ ତାରିଖ: ୦୯।୦୩।୨୦୨୦
ମାର୍ଚ୍ଚ ୨୦୨୦ ମାସର ରାୟପୁର ଡିଭିଜନରେ ଇ-ନିଲାମ ଅନୁସୂଚୀ କାର୍ଯ୍ୟକ୍ରମରେ ନିମ୍ନ ଅନୁଯାୟୀ ଯୋଗ କରାଯିବ: ରାୟପୁର/ଡିଭିଜନ: ୧୧।୦୩।୨୦୨୦, ୧୬।୦୩।୨୦୨୦, ୧୮।୦୩।୨୦୨୦, ୨୦।୦୩।୨୦୨୦, ୨୩।୦୩।୨୦୨୦, ୨୬।୦୩।୨୦୨୦, ୨୭।୦୩।୨୦୨୦, ୩୧।୦୩।୨୦୨୦। ଇ-ନିଲାମ ଅନୁସୂଚୀ ଏବଂ ଇ-କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍ www.ireps.gov.in/e-Auction ପରିଦର୍ଶନ କରନ୍ତୁ। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ଡେପୁଟି ଚିଫ୍ ମ୍ୟାଟେରିଆଲ୍ସ ମ୍ୟାନେଜର/ବିକ୍ରୟ
CPR/10/489 ଏସ୍.ଇ.ସି.ରେଳପଥ/ବିଳାସପୁର
South East Central Railway @Secrail

**ପୂର୍ବ ମଧ୍ୟ ରେଳପଥ**
**ଇ-ଟେଣ୍ଡର ବିଜ୍ଞପ୍ତି**
ଇ-ଟେଣ୍ଡର ନଂ. ୨୦୧୯/ଡବ୍ଲ୍ୟୁପି/ଇଏନ୍‌ଜିଜି/ କେଜିପି/ପିଏଚ୍-II/ଡବ୍ଲ୍ୟୁଟି-୧୭ (ଖୋଲା)
ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଇ-ଟେଣ୍ଡର (ଖୋଲା) ଆମନ୍ତ୍ରଣ କରାଯାଉଛି। (୧) କାର୍ଯ୍ୟର ନାମ ଓ ଏହାର ଅବସ୍ଥିତି: ଖଡ଼ଗପୁର ୱାର୍କଶପ (ଫେଜ୍-II), ଦକ୍ଷିଣ ପୂର୍ବ ରେଳପଥଠାରେ ଏଲ୍‌ଏଚ୍‌ବି କୋଚ୍‌ଗୁଡ଼ିକ ପାଇଁ ପିଓଏଚ୍ କ୍ଷମତାର ପରିବର୍ଦ୍ଧନ ସଂକ୍ରାନ୍ତରେ କମ୍ପୋଜିଟ୍ କାର୍ଯ୍ୟ (ସିଭିଲ, ଇଲେକ୍ଟ୍ରିକାଲ ଓ ମେକାନିକାଲ) ଯାହା ମଧ୍ୟରେ ପ୍ରି-ଇଞ୍ଜିନିୟର୍ଡ ବିଲ୍‌ଡିଂ (ପିଇବି) ଇନ୍‌ସ୍ପେକ୍ସନ୍ ପିଟ୍, ଇଲେକ୍ଟ୍ରିକ ସବ୍‌ଷ୍ଟେଶନ (ଇଏସ୍‌ଏସ୍) ଟ୍ରାକ୍ କାର୍ଯ୍ୟ, ବିଦ୍ୟୁତୀକରଣ ଓ ଆଲୋକୀକରଣ କାର୍ଯ୍ୟ, ସୂଚିତ ମେକାନିକାଲ୍ ଯନ୍ତ୍ରପାତି ଓ କାରଖାନାର ସଂଗ୍ରହଣ ଓ କମିଶନିଂ ତଥା ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସିଭିଲ, ଇଲେକ୍ଟ୍ରିକାଲ ଓ ମେକାନିକାଲ୍ କାର୍ଯ୍ୟ ଅନ୍ତର୍ଭୁକ୍ତ। (୨) କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୩୩,୩୭,୧୩,୨୮୧.୪୩ (୩) ଜମା କରାଯିବାକୁ ଥିବା ଅମାନତ ରାଶି: ଟ.୧୮,୧୮,୬୦୦/- (୪) ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୩୦।୦୩।୨୦୨୦ରିଖ ୧୩.୦୦ ଘଟିକାରେ (୫) ୱେବ୍‌ସାଇଟ୍ ସୂଚନା ଏବଂ ନୋଟିସ୍ ବୋର୍ଡ ଅବସ୍ଥିତି ଯେଉଁଠାରେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ: ଟେଣ୍ଡର କେବଳ ଆଇଆରଇପିଏସ୍ ୱେବ୍‌ସାଇଟ୍ www.ireps.gov.inରୁ ଡାଉନ୍‌ଲୋଡ୍ ଓ ବିଡ୍ କରାଯାଇପାରିବ। ଅନ୍ୟ କୌଣସି ସୂଚନା ପାଇଁ ଦୟାକରି ଚିଫ୍ ଇଞ୍ଜିନିୟର-I/ୱାର୍କଶପ୍ ପ୍ରୋଜେକ୍ଟସ୍, ଭାରତୀୟ ରେଳପଥ, ଚାମ୍ବର ଭବନ, ୪ର୍ଥ ମହଲା (ଇଞ୍ଜିନିୟରିଂ ବିଭାଗ) ଜେ.ସି. ରୋଡ୍, ପାଟନା-୮୦୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
ସିଏଓ/ଡବ୍ଲ୍ୟୁପି/ପାଟନା
PR/2409/WPO/Engg./T/19-20/40

## ସଂକ୍ଷେପରେ

### ଇଟାଭାଟିରେ ଶିଶୁଶ୍ରମିକ ନିଯୁକ୍ତିକୁ ବିରୋଧ

**କେନ୍ଦ୍ରାପଡା ଅଫିସ, ୧୩।୩:** ଶିଶୁଙ୍କୁ କର୍ମନିଯୁକ୍ତିରେ ଲଗାଇଲେ ୭ ବର୍ଷ ଜେଲ ଦଣ୍ଡ ସହିତ ୧ ଲକ୍ଷ ଟଙ୍କା ଜରିମାନା ହେବ। ଏଭଳି ନିୟମ ହୋଇଛି। ତେବେ ଏହି ନିୟମ କେନ୍ଦ୍ରାପଡା ଜିଲାରେ କାର୍ଯ୍ୟକାରୀ ହେଉନାହିଁ। ଜିଲାର ମହାକାଳପଡା, ମାର୍ଶାଘାଇ, ଆଳି ଓ ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ଇଟାଭାଟିରେ ଶିଶୁଶ୍ରମିକ କାର୍ଯ୍ୟ କରୁଛନ୍ତି। ସୂଚନା ଓ ମାନବାଧିକାର କର୍ମୀମାନେ ଏହାକୁ ବିରୋଧ କରିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରଭାକର ସାମଲ ଏକ ଅଭିଯୋଗ ପତ୍ର ଜିଲାପାଳଙ୍କୁ ମଙ୍ଗଳବାର ପ୍ରଦାନ କରିଛନ୍ତି। ଏଥିସହ ସେ ପ୍ରକାଶ କରିଛନ୍ତି ଯେ, ଜିଲାର ବିଭିନ୍ନ ତହସିଲ ଅଞ୍ଚଳରେ ଏବେ ବେଆଇନ ଇଟାଭାଟି ହେଉଛି। ଏଥିନେଇ ତହସିଲ କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ଦେଉନାହାନ୍ତି। ସେହିପରି ଇଟାଭାଟିରେ ନିୟୋଜିତ ଶିଶୁଙ୍କ ଦୁଃଖ ବଢୁଛି। ଯେଉଁ ବୟସରେ ପାଠ ପଢ଼ିବା କଥା, ସେହି ସମୟରେ ଇଟାଭାଟିରେ ଶିଶୁଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଜିଲା ଶ୍ରମ ବିଭାଗକୁ ଏନେଇ ପୂର୍ବରୁ ଦୃଷ୍ଟି ଆକର୍ଷଣ କରା ଯାଇଥିଲା। କୌଣସି ସୁଫଳ ନ ମିଳିବାରୁ ଜିଲାପାଳଙ୍କୁ ଏ ନେଇ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଏହି ଅଭିଯୋଗପତ୍ର ପ୍ରଦାନ ସମୟରେ ଜିଲାର ମାନବାଧିକାର କର୍ମୀ ବିଧୁଭୂଷଣ ମହାପାତ୍ର, ସାଗର ଜେନା, ପ୍ରମୋଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀଧରପୁର ଗ୍ରାମରେ ହେଟା ଆତଙ୍କ

**ଡେରାବିଶ, ୧୩।୩(ସ୍ୱ.ପ୍ର.):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଶ୍ରୀଧରପୁର ଗ୍ରାମରେ ଗତ ଦୁଇଦିନ ହେବ ହେଟା ଆତଙ୍କ ଲାଗି ରହିଛି। ହେଟା ପଲଙ୍କ ଭୟରେ ଗ୍ରାମବାସୀ ରାତିରେ ପଦାକୁ ବାହାରୁ ନ ଥିବା ବେଳେ ଗୃହପାଳିତ ପଶୁମାନଙ୍କୁ ରାତିରେ ଜଗି ରହୁଛନ୍ତି।
ପ୍ରକାଶ ଯେ, ଗତ ଦୁଇଦିନ ପୂର୍ବରୁ ଡାବଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଦୁଇଟି ଛେଳିକୁ କେହି ନେଇ ଯାଇଥିବା ଦେଖିବାକୁ ମିଳିଥିଲା। ତେବେ କେତେଜଣ ବ୍ୟକ୍ତି ବିଳମ୍ବିତ ରାତିରେ ଦୂରରୁ ତିନୋଟି ହେଟା ଛେଳିକୁ ରାସ୍ତା କଡରେ ଖାଉଥିବା ଦେଖିବାକୁ ପାଇଥିଲେ। ଏହାଛଡା ଗୁରୁବାର ରାତିରେ ଶ୍ରୀଧରପୁର ବିଦ୍ୟାଳୟ ନିକଟରେ ହେଟା ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଗ୍ରାମର ଲୋକେ ସଂଘବଦ୍ଧ ହୋଇ ଘଉଡାଇବାରୁ ହେଟାପଲ ପୁନର୍ବାର ନିକଟସ୍ଥ ବଣ ଭିତରକୁ ପଳାଇ ଯାଇଥିଲେ। ଶୁକ୍ରବାର ସକାଳେ ଗ୍ରାମରେ ଥିବା ୪ରୁ ୫ଟି ବୁଲା କୁକୁର ନ ଥିବା ଦେଖିବାକୁ ମିଳିଥିଲା। ଏହି କୁକୁରମାନଙ୍କୁ ହେଟା ଖାଇଦେଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ତୁରନ୍ତ ବନବିଭାଗ ହେଟାମାନଙ୍କୁ ଧରି ଜଙ୍ଗଲରେ ଛାଡ଼ି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କେନ୍ଦ୍ରାପଡ଼ା: କରୋନା ସନ୍ଦିଗ୍ଧଙ୍କ ସଂଖ୍ୟା ବଢୁଛି

**କେନ୍ଦ୍ରାପଡା ଅଫିସ, ୧୩।୩**

ରାଜ୍ୟ ସରକାର କରୋନାକୁ ରାଜ୍ୟ ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରାଯାଇଛି। ଏହି ସମୟ ମଧ୍ୟରେ ଆବଶ୍ୟକ ନ ଥିଲେ କର୍ମଶାଳା, ଉତ୍ସବ ଆଦି ହୋଇ ପାରିବ ନାହିଁ ବୋଲି ଆଡଭାଇଜରି ଜାରି ହୋଇଛି। ଗୋଟିଏ ପଟେ ଏହି ରୋଗ ବିଶ୍ୱ ମହାମାରୀରେ ପରିଣତ ହୋଇଥିବା ବେଳେ କେନ୍ଦ୍ରାପଡା ଜିଲାରେ କରୋନା ସନ୍ଦିଗ୍ଧଙ୍କ ସଂଖ୍ୟା ବଢୁଛି। ଇତିମଧ୍ୟରେ ଜିଲାର ୬ ଜଣଙ୍କ ପରୀକ୍ଷା ପରେ ନେଗେଟିଭ ଥିବା ସୂଚନା ମିଳିଛି। ତେବେ ବିଦେଶ ଫେରନ୍ତାଙ୍କ ସଂଖ୍ୟା ବଢୁଥିବାରୁ ଜିଲାର ବହୁ ପରିବାର ଆଶଙ୍କାରେ ଅଛନ୍ତି। ଏକ ବେସରକାରୀ ତଥ୍ୟ ଅନୁଯାୟୀ, ଜିଲାର ୩୦ ହଜାରରୁ ଊର୍ଦ୍ଧ୍ୱ ପାଣି ପାଇପ ମିସ୍ତ୍ରି ଦେଶ ବିଦେଶରେ କାର୍ଯ୍ୟ କରୁଛନ୍ତି। ବିଶ୍ୱର ଅନେକ ଦେଶ ଏହି ଭାଇରସ୍‌ରେ ସଂକ୍ରମିତ ଖବର ଜିଲାବାସୀଙ୍କ ଚିନ୍ତା ବଢାଇଛି। ପରିବାର ଲୋକେ ବିଦେଶରେ ଥିବା ସମ୍ପର୍କୀୟଙ୍କ ସହ ଆଲୋଚନା କରି ଭୟଭୀତ ଅବସ୍ଥାରେ ରହିଛନ୍ତି। ଅପରପକ୍ଷରେ ବିଦେଶରୁ ଗ୍ରାମକୁ ଫେରିବାକୁ ଚାହୁଁଥିବା ପାଣି ପାଇପ ମିସ୍ତ୍ରିମାନେ ଫେରି ପାରୁନାହାନ୍ତି। କରୋନା ପାଇଁ ବିଭିନ୍ନ ଦେଶର କଟକଣା ଆସିବାରେ ବାଧକ ସାଜିଛି। ତେବେ ବିଦେଶରେ ଥିବା ଶ୍ରମଜୀବୀମାନେ କରୋନାରେ ଆକ୍ରାନ୍ତ ହୋଇ ନ ଥିବା ସେମାନଙ୍କ ପରିବାର ସଦସ୍ୟମାନେ ପ୍ରକାଶ କରିଛନ୍ତି। ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ, ପଟ୍ଟାମୁଣ୍ଡାଇ ଥାନା, ନିକିରାଇ ଥାନା ଓ ରାଜନଗର ଥାନା ଅଞ୍ଚଳର ୭ଜଣ ବ୍ୟକ୍ତି ବିଦେଶରୁ ଫେରିବା ପରେ କଟକ ବଡ ମେଡିକାଲରେ ଅବଜରଭେଶନରେ ଅଛନ୍ତି। ନିକିରାଇ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ବାହାରିନ୍‌ରୁ ଆସି ଗୁରୁବାର ଘରେ ପହଞ୍ଚିଛନ୍ତି। ତେବେ ବିଦେଶରୁ ଫେରୁଥିବା ବ୍ୟକ୍ତିଙ୍କୁ ଅବଜରଭେଶନରେ ରଖିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି କହିଛନ୍ତି। ସେ କହିଛନ୍ତି ଯେ, ଏହି ରୋଗ କାୟା ବିସ୍ତାର କରିବାରେ ଲାଗିଛି। ଏଥିପାଇଁ ଜିଲା ପ୍ରଶାସନ ସତର୍କ ରହିବା ଜରୁରୀ ହୋଇଛି। ଇରାନରେ ଥିବା ସହରର ମୀର ଆଲମଙ୍କ ବାପା ରହେମନ କୁହନ୍ତି ଯେ, ସେ ଗୁରୁବାର ତାଙ୍କ ପୁଅ ସହିତ କରୋନା ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ପୁଅ ସୁସ୍ଥ ଅଛି। ଘରକୁ ଫେରି ଆସିବାକୁ ଚାହୁଁଥିଲେ ମଧ୍ୟ କରୋନା କଟକଣା ପାଇଁ ଆସି ପାରୁନାହାନ୍ତି। କରୋନା ପାଇଁ ଜିଲାରେ ପ୍ରସ୍ତୁତି ସମ୍ପର୍କରେ ସିଡିଏମଓ ଡା. ଉର୍ମିଳା ମିଶ୍ର କୁହନ୍ତି ଯେ, ଏପରି ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଦ୍ୟାବଧି ଆସି ନାହାନ୍ତି। ତେବେ ଏହି ରୋଗ ପାଇଁ ଆତଙ୍କିତ ନ ହୋଇ ସତର୍କତା ଅବଲମ୍ବନର ଆବଶ୍ୟକତା ଅଛି। ଏଥିନେଇ ଗଣମାଧ୍ୟମରେ ପ୍ରଚାର ପ୍ରସାର ହେଉଥିବା ବେଳେ କେତେକ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ଟି ସ୍ୱତନ୍ତ୍ର ଶଯ୍ୟାର ବ୍ୟବସ୍ଥା ହୋଇଥିବା ସିଡିଏମଓ ଡା. ମିଶ୍ର ପ୍ରକାଶ କରିଛନ୍ତି।

# ଉଦ୍ଧାର ହେଲେ ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ

**ଡେରାବିଶ, ୧୩।୩ (ସ୍ୱ.ପ୍ର.)**


ମୁରାରୀ ମୋହନ

ଗତ ୫ ଦିନ ହେବ ନିଖୋଜ ଥିବା ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଡାଳିଜୀ ଗ୍ରାମର ମୁରାରୀ ମୋହନ ଜେନାଙ୍କୁ ଉଦ୍ଧାର କରାଯାଇଛି। ଶୁକ୍ରବାର ପୁରୀ ପୋଲିସ ଖୋର୍ଦ୍ଧା ନିକଟସ୍ଥ ଏକ ମନ୍ଦିରରୁ ତାଙ୍କୁ ଉଦ୍ଧାର କରି ନିଜ ହେପାଜତରେ ରଖି ପଚରା ଉଚୁରା କରିଥିଲେ। ପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ତେବେ କେଉଁ ପରିସ୍ଥିତିରେ ଓ କାହିଁକି ଏସବୁ ଘଟଣା ଘଟିଲା ଏବଂ ଏହା ପଛରେ କି ରହସ୍ୟ ରହିଛି ଜଣାପଡିନାହିଁ।
ପ୍ରକାଶ ଯେ, ମୁରାରୀ କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଭାବେ ଇନ୍ଦୁପୁର ସେକ୍ସନରେ କାର୍ଯ୍ୟରତ ଅଛନ୍ତି। ଗତ ରବିବାର ପୁରୀ ବୁଲିବାକୁ ଯାଇ ନିଖୋଜ ହୋଇ ଯାଇଥିଲେ। ସେ ନିଖୋଜ ଥିବା ନେଇ ତାଙ୍କ ପରିବାର ପକ୍ଷରୁ ପୁରୀ ଏବଂ କେନ୍ଦ୍ରାପଡା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଶେଷରେ ମନ୍ଦିରରୁ ଉଦ୍ଧାର କରିଥିଲା।

# ଗୁଲନଗର ଓ ଗଣାମାହଲରେ ଦୋଳ ଉତ୍ସବ


ମେଲଣରେ ସାମିଲ ହୋଇଥିବା ଦୋଳ ବିମାନ।

**କେନ୍ଦ୍ରାପଡା ଅଫିସ, ୧୩।୩**

ସହର ନିକଟ ଗୁଲନଗରସ୍ଥ ଶ୍ରୀବୁଢା ଗୋବିନ୍ଦଜୀଉ ମନ୍ଦିର ପ୍ରାଙ୍ଗଣରେ ଦୋଳ ଉତ୍ସବ ଶୁକ୍ରବାର ଶେଷ ହୋଇଛି। ଶ୍ରୀ ବୁଢା ଗୋବିନ୍ଦଜୀଉ ଥାନପତି ଭାବେ ମେଲଣ ପଡିଆରେ ପହଞ୍ଚିବା ପରେ ସୁଜାନଗରର ଶ୍ରୀ ମଦନ ମୋହନ, ତିନିମୁହାଣୀ ଶ୍ରୀରାମ ମନ୍ଦିର ଠାକୁର, କପାଳେଶ୍ୱରର ଶ୍ରୀ ରଘୁନାଥଜୀଉଙ୍କ ସମେତ ଅନ୍ୟ ସ୍ଥାନରୁ ରାଧାକୃଷ୍ଣ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ଆସି ଏଠାରେ ପହଞ୍ଚିଥିଲେ। ଏହି ଉତ୍ସବକୁ ଗ୍ରାମର ରବୀନ୍ଦ୍ର ନାଥ ରଥ, ଉପେନ୍ଦ୍ର କର, ଦେବାଶିଷ କୁବେର, ଅଭୟ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ସହରର ଗଣାମାହାଲସ୍ଥିତ ବିନୋଦ ବିହାରୀ ମନ୍ଦିର ପରିସରରେ ଦୋଳ ମେଲଣ ଅନୁଷ୍ଠିତ ହୋଇଯାଇଛି। ମେଲଣ ପଡିଆରେ ଶ୍ରୀ ବଳଦେବଜୀଉଙ୍କ ଚଳନ୍ତି ପ୍ରତିମା ଶ୍ରୀରଘୁନାଥଜୀଉ, ଶ୍ରୀ ବିନୋଦ ବିହାରୀ, ଶ୍ରୀ ଗୋବିନ୍ଦଜୀଉ, ଶ୍ରୀରାଧାମାଧବ, ଶ୍ରୀନୃସିଂହଜୀଉ ପୂର୍ବାହ୍ନ ୧୧ଟା ବେଳେ ମେଲଣ ପଡିଆରେ ପହଁଞ୍ଚି ଥିଲେ। ଏହି ଉତ୍ସବକୁ ବିନୋଦ ବିହାରୀ ମନ୍ଦିର ଟ୍ରଷ୍ଟି ବିପଦ ରଞ୍ଜନ ଦାସ, ଅନନ୍ତ ଚରଣ ମହାରଣା, ରମାକାନ୍ତ ସାହୁ, ଅଶୋକ ସାହୁ, ବାଲାବାବା କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ।

## ଜଳବାୟୁ ପରିବର୍ତ୍ତନ ପ୍ରଭାବ

# ଅଲିଭ ରିଡଲେଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ବିଳମ୍ବ

**ରାଜନଗର, ୧୩।୩ (ଡି.ଏନ.ଏ.)**

ଚଳିତବର୍ଷ ଅଲିଭ ରିଡଲେ କଇଁଛଙ୍କ ସମୁହ ଅଣ୍ଡାଦାନ ପ୍ରକ୍ରିୟା ବିଳମ୍ବ ହୋଇଛି। କଇଁଛଙ୍କ ଅନୁଡିଶାଳ ଗହୀରମଥା, ବାବୁବାଲି ଦ୍ୱୀପ ଜଳବାୟୁ ପରିବର୍ତ୍ତନ ଯୋଗୁ ସଙ୍କଟର ସମ୍ମୁଖୀନ ହେବାରେ ଲାଗିଛି। ଜଳପତ୍ତନ ବୃଦ୍ଧି ପାଇବା ଯୋଗୁ ଏହି ଦ୍ୱୀପର ଅଧିକାଂଶ ଅଂଶ ଏବେ ସମୁଦ୍ର ଗର୍ଭରେ ଲୀନ ହେବାରେ ଲାଗିଛି। ଅପରପକ୍ଷରେ ପ୍ରକୃତିର ନିୟମ ଅନୁସାରେ ପ୍ରତିବର୍ଷ ଫେବୃୟାରୀ ଶେଷ ଓ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ଲକ୍ଷ ଲକ୍ଷ ଅଲିଭରିଡଲେ ମାଆ କଇଁଛ ସାମୁହିକ ଅଣ୍ଡାଦାନ କରିଥାନ୍ତି। ଚଳିତବର୍ଷ କଇଁଛମାନେ ଅନୁକୂଳ ପରିବେଶ ପାଉ ନ ଥିବାରୁ ସମୂହ ଅଣ୍ଡାଦାନ କରି ପାରିନାହାନ୍ତି। କଇଁଛମାନେ ବାବୁବାଲି ଦ୍ୱୀପ, ଅଗରନାସୀ ଦ୍ୱୀପ, ସାତଭାୟାର ବିସ୍ତୀର୍ଣ୍ଣ ବେଳାଭୂମିରେ ସମୂହ ଅଣ୍ଡା ଦେବା କଥା। ବର୍ତ୍ତମାନ ସମୁଦ୍ର ତଟଠାରୁ ୫ କିମି ପରିଧି ଭିତରେ ଲକ୍ଷ ଲକ୍ଷ ଅଲିଭରିଡଲେ କଇଁଛ ଅନୁକୂଳ ପାଗର ଅପେକ୍ଷାରେ ଅଛନ୍ତି।

# ବିହାରରେ ଶ୍ରମିକଙ୍କ ମୃତ୍ୟୁ

**ରାଜନଗର, ୧୩।୩(ଡି.ଏନ.ଏ.)**

ରାଜନଗର ବ୍ଲକ ରାଜପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ଗାଁର ରାଜେନ୍ଦ୍ର ରାଉତ (୩୭)ଙ୍କର ବିହାରରେ ମୃତ୍ୟୁ ଘଟିଛି। ନବଘନ ରାଉତଙ୍କ ପୁଅ ରାଜେନ୍ଦ୍ର ବିହାରର କଙ୍କଡାବାଗ ଥାନା ଅଞ୍ଚଳରେ ପାଣି ପାଇପ କାମ କରୁଥିଲେ। ଗତ ୧୧ ତାରିଖ ସନ୍ଧ୍ୟାରେ ତାଙ୍କର ବାନ୍ତି ହୋଇଥିଲା। ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ବିହାରରୁ ମୃତଦେହ ଆଣିବା ପାଇଁ ପରିବାର ଲୋକେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ସମର୍ଥ ବର୍ମା ଜିଲା ଶ୍ରମ ଅଧିକାରୀଙ୍କୁ ଏ ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଶ୍ରମ ବିଭାଗ ପକ୍ଷରୁ କୌଣସି ସହଯୋଗ କରାଯାଇ ନ ଥିଲା। ପରିବାର ଲୋକେ ସେଠାରେ ପହଞ୍ଚି ରାଜେନ୍ଦ୍ରଙ୍କ ମୃତଦେହ ଆଣି ଶୁକ୍ରବାର ଗାଁରେ ପହଞ୍ଚିଥିଲେ। ପରେ ଶବ ସତ୍କାର କରାଯାଇଛି। ଶ୍ରମବିଭାଗ ପକ୍ଷରୁ କୌଣସି ସହଯୋଗ ମିଳି ନ ଥିବା ବେଳେ ଲେବର ଇନ୍ସପେକ୍ଟର ଦେବାଶିଷ ଜେନା ମୃତକଙ୍କ ପରିବାରକୁ ଭେଟି ଫେରିଛନ୍ତି।

# ଚିତ୍ରୋତ୍ପଳା ନଦୀରେ ବୁଡ଼ି ଦୁଇ ମୃତ

**ପାଟକୁରା, ୧୩।୩ (ଡି.ଏନ୍.ଏ.)**

ଶୁକ୍ରବାର ସକାଳେ କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକର ପାଟକୁରା ସେତୁ ନିକଟ ଚିତ୍ରୋତ୍ପଳା ନଦୀରେ ଗାଧୋଉଥିବା ବେଳେ ବୁଡିଯାଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହମ୍ମଦ ହାସନ ଅଲ୍ଲୀ (୧୫) ଓ ତାକିର ଅହମ୍ମଦ (୨୦)। ହାସନଙ୍କ ଘର କେନ୍ଦ୍ରାପଡାର ଜଇପୁରା ଗ୍ରାମରେ ଓ ସେ ଇରାନ ଅଲିଙ୍କ ପୁଅ। ତାକିରଙ୍କ ଘର ଉତ୍ତରପ୍ରଦେଶ ଅନ୍ତର୍ଗତ ଦୁଲାପୁର ଜିଲାର ଗାଜିପୁର ଗ୍ରାମରେ ବୋଲି ଜଣାଯାଇଛି। ଉଭୟ ପାଟକୁରା ଅଞ୍ଚଳକୁ ଧର୍ମ ପ୍ରଚାରରେ ଆସିଥିବା ବେଳେ ଏହି ଅଘଟଣ ଘଟିଛି।
ପ୍ରକାଶ ଯେ, ଗତ ୧୧ ତାରିଖରେ ବମ୍ବେ ସମେତ ବିଭିନ୍ନ ଅଞ୍ଚଳରୁ ୧୬ ଜଣ ଧର୍ମ ପ୍ରଚାର କରିବାକୁ ପାଟକୁରା ପଞ୍ଚାୟତର ପାଟକୁରା ଗ୍ରାମକୁ ଆସିଥିଲେ। ସେମାନେ ଗ୍ରାମରେ ରହି ଧର୍ମ ସମ୍ପର୍କିତ ଆଲୋଚନା କରୁଥିଲେ। ଶୁକ୍ରବାର ସକାଳ ୮ଟା ସମୟରେ ସେମାନଙ୍କ ମଧ୍ୟରୁ ୮ ଜଣ ଚିତ୍ରୋତ୍ପଳା ନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ପଶୁ ପଶୁ ଖୁସିରେ ପହଁରିବାକୁ ହାସନ ଓ ତାକିର୍ ମନ ବଳାଇଥିଲେ। ଉଭୟ ପହଁରିବା ଉଦ୍ୟମ କରିବା ବେଳେ ନଦୀର ସ୍ରୋତରେ ହାସନ କିଛି ବାଟ ଆଗକୁ ଚାଲି ଯାଇଥିଲେ। ସେ ଧୀରେ ଧୀରେ ବୁଡିଯିବା ଦେଖି ତାକିର୍ ତାଙ୍କୁ ରକ୍ଷା କରିବାକୁ ପାଖକୁ ଯାଇଥିଲେ। ଏହି ସମୟରେ ହାସନ ଜୀବନ ବିକଳରେ ତାଙ୍କୁ ଧରିବା ବେଳେ ପାଣିରେ ଦୁହେଁ ବୁଡି ଯାଇଥିଲେ। ସେଠାରେ ଥିବା ଅନ୍ୟ ସାଙ୍ଗମାନେ ଗ୍ରାମବାସୀଙ୍କୁ ଡାକି ଦୁଇଜଣଙ୍କୁ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ଆସି ନଦୀରେ ପଶି ଖୋଜିବା ପରେ ଉଭୟଙ୍କୁ ଉଦ୍ଧାର କରାଯାଇ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। କେସ୍ ନଂ- ୫/୨୦। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ସଂକ୍ରାନ୍ତରେ ପାଟକୁରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପାଟକୁରା ଅଞ୍ଚଳକୁ ଧର୍ମ ପ୍ରଚାରରେ ଆସିଥିବା ବ୍ୟକ୍ତିମାନେ ତବଲିକ୍ ଜମାତର ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି।

# ଶୋକଖବର

**ମାର୍ଶାଘାଇ, ୧୩।୩(ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକ ତୁଳସୀପୁର ଗ୍ରାମର ନିରଞ୍ଜନ ଚୌଧୁରୀଙ୍କ ପୁତ୍ର ରମାକାନ୍ତ(୫୨)ଙ୍କର ଗୁରୁବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଜଣେ ମେଳାପି , ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ଗୁରୁବାର ସନ୍ଧ୍ୟାରେ ସେ ହଠାତ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ହୃଦ୍‌ଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ବ୍ୟବସାୟୀ ଥିଲେ। ମାର୍ଶାଘାଇ ଅଞ୍ଚଳର ବହୁ ବ୍ୟବସାୟୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ପୂର୍ବ ଶତ୍ରୁତାରୁ ମାରି ଦିଆଯାଇଥିବା ଥାନାରେ ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୧୩।୩**

**ରଞ୍ଜନ ଦାସ ମୃତ୍ୟୁ ମାମଲା**

ଓଡିଶା ଜନସୂଚନା ଅଧିକାର ଅଭିଯାନର କେନ୍ଦ୍ରାପଡା ଜିଲା ଆବାହକ ରଞ୍ଜନ ଦାସଙ୍କ ମୃତଦେହ ମାର୍ଶାଘାଇ ଥାନା ଭଗବାନପୁର ବେରୁହାଁ ରାସ୍ତା ପାର୍ଶ୍ୱ ଏକ ଖାଲରୁ ଗତ ଫେବୃୟାରୀ ୧ ତାରିଖରେ ଉଦ୍ଧାର ହୋଇଥିଲା। ତାଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ବୋଲି ଜିଲା ପୋଲିସ କହିଥିବା ବେଳେ ପାଟକୁରା ଥାନା ମାଣିକପୁର ଗ୍ରାମର ରଞ୍ଜନଙ୍କ ବାପା ଲକ୍ଷ୍ମୀଧର ଦାସ ଶୁକ୍ରବାର ପୂର୍ବ ଶତ୍ରୁତାରୁ ତାଙ୍କୁ ହତ୍ୟା କରା ଯାଇଥିବା ପାଟକୁରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗପତ୍ର ଗ୍ରହଣ କରିଛି।
ଅଭିଯୋଗ ଅନୁଯାୟୀ, ରଞ୍ଜନ ସୂଚନା ଆଇନ ଅଧିକାର ବଳରେ ବହୁ ଦୁର୍ନୀତିର ପର୍ଦ୍ଦାଫାଶ କରୁଥିଲେ। ୨୦୧୪ରେ ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ଦେଇଥିଲେ। ଏହାପରେ ବହୁବାର ହତ୍ୟା ଧମକ ପାଇଥିବାରୁ ବିଭିନ୍ନ ସମୟରେ ପୋଲିସ ଠାରୁ ଆରମ୍ଭ କରି ଏସପି ପର୍ଯ୍ୟନ୍ତ ସୁରକ୍ଷା ପାଇଁ ସେ ନିବେଦନ କରିଛନ୍ତି। ଗତ ସୋମବାର କେତେକ ବ୍ୟକ୍ତି ରଞ୍ଜନଙ୍କୁ ମାରିଥିବା ସମସ୍ତଙ୍କ ସମ୍ମୁଖରେ ସ୍ୱୀକାର କରିଥିଲେ। ଏହାର ଭିଡିଓ ଭାଇରାଲ ହୋଇଛି। ପୂର୍ବ ଶତ୍ରୁତାରୁ ରଞ୍ଜନଙ୍କୁ ମାରିଥିବାରୁ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରୀ ଲକ୍ଷ୍ମୀଧର ନିବେଦନ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ସୁଜିତ ପ୍ରଧାନ କହିଛନ୍ତି ଯେ, ଅଭିଯୋଗ ପତ୍ର ମିଳିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ।

# ରାଜନଗରରେ କଂଗ୍ରେସର ଗଣବିକ୍ଷୋଭ

**ରାଜନଗର, ୧୩।୩ (ଡି.ଏନ.ଏ.)**


ବିକ୍ଷୋଭ ପ୍ରଦର୍ଶନ ଅବସରରେ କଂଗ୍ରେସ ନେତୃବୃନ୍ଦ।

ରାଜନଗର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ୯ ଦଫା ଦାବି ନେଇ ରାଜନଗର ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ମହାଦୁର୍ନୀତିର ତଦନ୍ତ , ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ, ଅଭାବୀ ଧାନବିକ୍ରିର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ, ଚାଷୀଙ୍କୁ କାଳିଆ ଟଙ୍କା ପ୍ରଦାନ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ସୁଧାର ଅଣାଯିବା ସହ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ, ଡାଙ୍ଗମାଳ ଠାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା, ସମସ୍ତ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଆଦି ରହିଛି। ସାଧାରଣ ନିର୍ବାଚନ ପରେ ରାଜନଗର ବ୍ଲକ କଂଗ୍ରେସ କମିଟି ବ୍ଲକ ଏବଂ ତହସିଲରେ ଚାଲିଥିବା ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇଥିଲା। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ କଂଗ୍ରେସ କାର୍ଯ୍ୟାଳୟ ପରିସରରୁ ଶତାଧିକ କଂଗ୍ରେସ କର୍ମୀ ଓ ରାଜ୍ୟସ୍ତରୀୟ ନେତୃମଣ୍ଡଳୀ ଏକ ଶୋଭାଯାତ୍ରାରେ ବାହାରି ତ୍ରିନାଥବଜାର, ରାଜନଗର ବଜାର ପରିକ୍ରମା କରିବା ପରେ ତହସିଲ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବତନ ବିଧାୟକ ମହାନ୍ତି ବ୍ଲକ ଓ ତହସିଲ କାର୍ଯ୍ୟାଳୟର ଅଫିସର ଠାରୁ କର୍ମଚାରୀ ଶାସକ ଦଳର ହାତବାରିଶି ସାଜି ବିଭିନ୍ନ ସରକାରୀ ଯୋଜନାକୁ ବାଟମାରଣା କରୁଥିବା ଅଭିଯୋଗ ଆଣିବା ସହିତ ଆଗାମୀ ଦିନରେ ଏହାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଏଥିରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ୨୦ବର୍ଷ ଭିତରେ ଓଡିଶାର ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ହୋଇପାରି ନାହିଁ ବୋଲି କହିଥିଲେ।
ଏହି ଗଣବିକ୍ଷୋଭରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା, ବରିଷ୍ଠ କଂଗ୍ରେସ ନେତା ଜ୍ଞାନଦେବ ବେହୁରା, ପାଟକୁରା କଂଗ୍ରେସ ନେତା ଜୟନ୍ତ ମହାନ୍ତି , ଜିଲା କଂଗ୍ରେସ ସଭାପତି ଚିନ୍ମୟ ବେହୁରା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରାଜନଗର ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି, ରାଜନଗର ବ୍ଲକ କଂଗ୍ରେସର ଦେବେନ୍ଦ୍ର କୁମାର ଜେନା, ଅନନ୍ତ କୁମାର ସେଠୀ, ମୋହନ କୁମାର ଦାସ, ଶୁକଦେବ ଭଦ୍ର, ଅଶୋକ କୁମାର ବଳ, ପ୍ରଭାତ ଚନ୍ଦ୍ର ମିଶ୍ର, ସୁନିଲ କୁମାର ରାଉଳ, ବିମଳ କୁମାର ବିଶ୍ୱାଳ, ପ୍ରଭାକର ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ପଣ୍ଡୁହୋତା-ପନ୍ତୁରି ରାସ୍ତା ଅଧାପନ୍ତରିଆ

**ପଟ୍ଟାମୁଣ୍ଡାଇ, ୧୩।୩(ସ୍ୱ.ପ୍ର.)**

**ସମ୍ପୂର୍ଣ୍ଣ ବିଲ୍ ଉଠାଇ ଠିକାଦାର ପାର୍**


ଅଧାପନ୍ତରିଆ ରାସ୍ତା।

ପଟ୍ଟାମୁଣ୍ଡାଇ ବ୍ଲକ ବଡମୂଳବସନ୍ତ ପଞ୍ଚାୟତର ପଣ୍ଡୁହୋତା ଠାରୁ ଭାୟା ଡିହାପଡା ପଞ୍ଚାୟତ ଦେଇ ପନ୍ତୁରି ପର୍ଯ୍ୟନ୍ତ ୩.୭୫ କିଲୋମିଟର ରାସ୍ତା ଦୀର୍ଘ ବର୍ଷ ଧରି ଅଧାପନ୍ତରିଆ ହୋଇ ରହିଛି। ଏହି ରାସ୍ତା ନିର୍ମାଣ ପାଇଁ ୨୦୦୬-୦୭ ମସିହାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ୨ କୋଟି ୧୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଠିକାଦାର ୨୦୦୭ ମସିହାରେ ପଣ୍ଡୁହୋତା ପରିବର୍ତ୍ତେ ଶେଷ ମୁଣ୍ଡ ପନ୍ତୁରି ଠାରୁ ରାସ୍ତା କାମ ଆରମ୍ଭ କରିଥିଲେ। ଏହି ରାସ୍ତା ସମ୍ପୂର୍ଣ୍ଣ ହେବାକୁ ୧ କିମି ୪୦୦ମିଟର ବାକି ଥିବା ବେଳେ ଠିକାଦାର ୨୦୦୯ରେ ଏ ବାବଦରେ ସମ୍ପୂର୍ଣ୍ଣ ଟଙ୍କା ନେଇ ପାର୍ ହୋଇ ଯାଇଛନ୍ତି।
ପ୍ରକାଶ ଯେ, ବଡମୂଳବସନ୍ତ ଓ ଡିହାପଡା ପଞ୍ଚାୟତ ଭିତରେ ସଂଯୋଗୀକରଣ ପାଇଁ ଏହି ରାସ୍ତା ନିର୍ମାଣ ହୋଇଥିଲା। ଏହି ରାସ୍ତା ଉପରେ ଦୁଇଟି ପଞ୍ଚାୟତର ୯ଟି ଗ୍ରାମର ଲୋକେ ନିର୍ଭର କରୁଥିବା ବେଳେ ଅଧାପନ୍ତରିଆ କାମ ଯୋଗୁ ଗ୍ରାମବାସୀ ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗରେ କାର୍ଯ୍ୟରତ ତତ୍କାଳୀନ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ କାମ ନ ସରୁଣୁ ଠିକାଦାରଙ୍କୁ ବିଲ ପ୍ରଦାନ କରିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପଣ୍ଡୁହୋତା ଗ୍ରାମର ନିରାକାର ଦାସ, ବଂଶୀଧର ପ୍ରଧାନ, ଅନାଦି ଚରଣ ପ୍ରଧାନ, ଗଣେଶ୍ୱର ପ୍ରଧାନ, ଅଜୟ ପ୍ରଧାନ, ସରୋଜ ପ୍ରଧାନ, ପ୍ରଦୀପ ପ୍ରଧାନ, ଡାକ୍ତର ପ୍ରହ୍ଲାଦ ଦାସ, କରୁଣାକର ଦାସ, ବାଇଧର ଦାସ, ପ୍ରଭାକର ଦାସ, କ୍ଷୀରୋଦ ଚନ୍ଦ୍ର ଦାସ, ନୃସିଂହ ଚରଣ ପ୍ରଧାନ, ବାବାଜୀ ଚରଣ ରାଉତଙ୍କ ସମେତ ଗ୍ରାମବାସୀ କେନ୍ଦ୍ରାପଡା ନିର୍ବାହୀ ଯନ୍ତ୍ରୀ ଓ ପଟ୍ଟାମୁଣ୍ଡାଇ ସହକାରୀ ଯନ୍ତ୍ରୀଙ୍କ ନିକଟରେ ରାସ୍ତା କାମ ସମ୍ପୂର୍ଣ୍ଣ କରିବାକୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ମଧ୍ୟ ବିଫଳ ହୋଇଛନ୍ତି। ସବୁଆଡୁ ନିରାଶ ହୋଇ ପ୍ରାକ୍ତନ ଅଧକ୍ଷ ପ୍ରଫେସର ରଘୁନାଥ ଦାସ ଓଡିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ (ଡବ୍ଲୁପି (ସି) ୨୪୫୧୬/୨୦୧୨ ମସିହା) ମାମଲା ଦାୟର କରିଥିଲେ। ଏହାମଧ୍ୟରେ ଏହି ମାମଲାର ଦୁଇ ଥର ତାରିଖ ପଡିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାଦାର ସଲାସୁତୁରା କରି ସମୟ ଗଡାଇ ଚାଲିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ଦାଶ ମହାପାତ୍ର ଓ କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରେ ସେତେବେଳେ ଥିବା ଏସ୍‌ଡିଓ ବିଜୟ ନାୟକ ଓ ଶ୍ରୀକାନ୍ତ ମାହୁନ୍ତ କାମ ଶେଷ ହେବା ପୂର୍ବରୁ କାହିଁକି ଠିକାଦାରଙ୍କୁ ବିଲ୍ ପ୍ରଦାନ କଲେ ସେମାନେ ଜାଣିଛନ୍ତି ବୋଲି କହିଥିଲେ। ତେବେ ଏବେ ସେ ପ୍ୟାକେଜ୍ ଶେଷ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ତୃତୀୟ ପର୍ଯ୍ୟାୟରେ ନସିପୁର ଠାରୁ ବନ୍ଧସାହି ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତା ସହିତ ପଣ୍ଡୁହୋତା ରାସ୍ତା ସଂଯୋଗ କରିବାକୁ ଚେଷ୍ଟା କରିବୁ ବୋଲି କହିଥିଲେ। ଏଥିପାଇଁ ବଡମୂଳବସନ୍ତ ପଞ୍ଚାୟତ ପକ୍ଷରୁ ଏକ ରିଜୋଲ୍ୟିସନ୍ ପଟ୍ଟାମୁଣ୍ଡାଇ ବିଡିଓ ଓ ଗ୍ରାମ ଉନ୍ନୟନ ବିଭାଗକୁ ଆସିବା ଏକାନ୍ତ ଜରୁରୀ ବୋଲି କହିଥିଲେ। ତେଣୁ ପଣ୍ଡୁହୋତା ଗ୍ରାମବାସୀ ପଞ୍ଚାୟତରୁ ଏକ ରିଜୋଲ୍ୟୁସନ୍ ଆଣିବା ପାଇଁ ଉଦ୍ୟମ କରୁଛନ୍ତି। ତୁରନ୍ତ ଅଧାପନ୍ତରିଆ ରାସ୍ତା କାମ ଶେଷ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୪/୨୦୨୦ Bhubaneswar, Saturday, March 14/ 2020




# ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ପ୍ରତାରଣା ଅଭିଯୋଗ

**କୁଜଙ୍ଗ,୧୩।୩(ଡି.ଏନ.ଏ.)** ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅର୍ନ୍ତଗତ ପାଟେଳି ପଙ୍ଗ ଗ୍ରାମର ଚିତ୍ତରଞ୍ଜନ ସୂତାର ସମ୍ପୃକ୍ତ ମହିଳାଙ୍କୁ ପ୍ରତାରଣା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଦଫା ୩୨୩, ୩୭୬(୨) (ଏନ), ୨୯୪, ୫୦୬, ୩୪ ଆଇପିସିରେ ମାମଲା ନଂ-୮୩/୨୦ ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁସାରେ, ସମ୍ପୃକ୍ତ ମହିଳାଙ୍କ ସହ ଚିତ୍ତରଞ୍ଜନଙ୍କ କୌଣସି ମତେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଚିତ୍ତରଞ୍ଜନ ସମ୍ପୃକ୍ତ ମହିଳାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ନିଜ ପାଖରେ ରଖିଥିଲେ। ଏଥିସହ ବିଭିନ୍ନ ସମୟରେ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ମହିଳାଜଣକ ଯେତେବେଳେ ବିବାହ କରିବାକୁ ଜିଦ୍ ଧରିଲେ ସେତେବେଳେ ଚିତ୍ତରଞ୍ଜନ ତାଙ୍କୁ ମନା କରିବା ସହ ତାଳଦଣ୍ଡା ନିକଟରେ ଛାଡି ପଳାଇଥିଲେ। ମହିଳା ଅନ୍ୟ ଉପାୟ ନ ପାଇ ଥାନାରେ ଅଭିଯୋଗ କରିଥିଲେ। ମହିଳା ସ୍ୱାମୀ ପରିତ୍ୟକ୍ତା ହୋଇଥିବାବେଳେ ଚିତ୍ତରଞ୍ଜନ ସ୍ତ୍ରୀଙ୍କ ପରଲୋକ ଘଟିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ନଦୀରୁ ଇଟାଭାଟି ଶ୍ରମିକଙ୍କ ମୃତଦେହ ଉଦ୍ଧାର

ଜଳେଶ୍ୱର, ୧୩।୩(ସ୍ୱ.ପ୍ର.):ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତ କୁଣ୍ଡଳିଚକଗାଁର ଲାୟନ ଇଟାଭାଟିରେ କାର୍ଯ୍ୟ କରିଆସୁଥିବା ଜଣେ ଶ୍ରମିକଙ୍କ ମୃତଦେହ ସୁବର୍ଣ୍ଣରେଖା ନଦୀପାଣିରୁ ଉଦ୍ଧାର କରାଯାଇଛି। ସେ ଗୁରୁବାର ଭୋର ସମୟରେ ସୁବର୍ଣ୍ଣରେଖା ନଦୀକୂଳ ପଠାକୁ ଶୌଚ ହେବାକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ନ ଫେରିବାରୁ ଇଟାଭାଟି ନିକଟ ଅସ୍ଥାୟୀ କୁଡିଆରେ ରହୁଥିବା ତାଙ୍କ ପରିବାର ଲୋକେ ଖୋଜାଖୋଜି କରିଥିଲେ। ନଦୀକୂଳରେ ତାଙ୍କ ପିନ୍ଧା ଲୁଙ୍ଗି ଓ ଗଞ୍ଜି ପଡିଥିବା ଦେଖି ଜଳେଶ୍ୱର ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦୀର୍ଘ ସମୟ ଖୋଜାଖୋଜି ପରେ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଶ୍ରମିକଙ୍କ ଘର ବିହାର ପ୍ରଦେଶର ଗୟା ଜିଲା ଉଜ୍ଜରିଗଞ୍ଜ ଥାନାର ଦୁଗରିଦିଘା ଗ୍ରାମରେ। ତାଙ୍କ ନାମ କାମେଶ୍ୱର ରାଜବଂଶୀ(୪୦)।

### ମାଛ ଧରିବାକୁ ଯାଇ ଯୁବକଙ୍କ ପ୍ରାଣ ଗଲା

ସୋର, ୧୩।୩(ଡି.ଏନ.ଏ.): ସୋର ଥାନା ମାଣତ୍ରୀ ପଞ୍ଚାୟତ ଗୋପାଳପୁର ଗ୍ରାମର ରବୀନ୍ଦ୍ର ବେହେରା ନାମକ ଯୁବକ ଶୁକ୍ରବାର ପୂର୍ବାହ୍ନରେ ଘର ନିକଟ ପୋଖରୀରୁ ମାଛ ଧରିବାକୁ ଯାଇ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ଅଗ୍ନିଶମ ଗାଡି ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ।

### କିରୋସିନ ବାଟମାରଣା ଅଭିଯୋଗରେ ଡିଲର ନିଲମ୍ବିତ

ବାଲେଶ୍ୱର ଅଫିସ, ୧୩।୩-ବାଲେଶ୍ୱର ସଦର ବ୍ଲକ ଅଧୀନ ଗୁଡ଼ ପଞ୍ଚାୟତର ଡିଲର ହିତାଧିକାରୀଙ୍କୁ କିରୋସିନ ନ ଦେଇ ହେରଫେର କରିଥିବା ନେଇ ୬ ମାସ ପୂର୍ବରୁ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରାଯାଇ ଡିଲରଙ୍କୁ ନିଲମ୍ବନ କରାଯାଇଛି।

ଗୁଡ଼ ପଞ୍ଚାୟତର ରାଶନ ସାମଗ୍ରୀ ଯୋଗାଇ ଦେବା ପାଇଁ ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଡିଲର ଭାବେ ଯୋଗାଣ ବିଭାଗ ଦ୍ୱାରା ନିଯୁକ୍ତ ଦିଆଯାଇଥିଲା। ଉକ୍ତ ଅଞ୍ଚଳର ୭ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ଥିବା ବେଳେ କାଁ ଭାଁ କେତେଜଣଙ୍କୁ କିରୋସିନ ଯୋଗାଇ ଦେଇ ଅନ୍ୟମାନଙ୍କୁ ବିଭିନ୍ନ କାରଣରୁ ଦେଉ ନ ଥିବା ଗ୍ରାମବାସୀ ୬ମାସ ପୂର୍ବରୁ ମିଳିତ ଜନଶୁଣାଣିରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ତଦନ୍ତ କରିବା ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସଦର, ରେମୁଣା, ବସ୍ତା ଓ ଜଳେଶ୍ୱର ମାର୍କେଟିଂ ଇନ୍ସପେକ୍ଟର ମିଳିତ ତଦନ୍ତ କରି ରିପୋର୍ଟ ଦେଇଥିଲେ। ଏହାକୁ ଭିତ୍ତି କରି ଗତ ୧୧ତାରିଖରେ ଉପଜିଲାପାଳଙ୍କ ଅଫିସ୍ ଚିଠି (ନଂ. ୮୦) ଅନୁଯାୟୀ ଉକ୍ତ ଡିଲରଙ୍କୁ ନିଲମ୍ବିତ କରାଯାଇଥିବା ଉପଜିଲାପାଳ ନୀଲୁ ମହାପାତ୍ର ପ୍ରକାଶ କରିଛନ୍ତି।

### ଆକ୍ରମଣ କରି ଲୁଟି ନେଲେ ୧.୭୦ ଲକ୍ଷ

ରୂପସା, ୧୩।୩(ଡି.ଏନ.ଏ.) ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ଥାନା ଅନ୍ତର୍ଗତ ନିଧିପଣ୍ଡା ଛକ ନିକଟରେ ଶୁକ୍ରବାର ଜଣେ ଗୋରୁ ବ୍ୟବସାୟୀଙ୍କୁ ଭୁଜାଲି ମାଡ଼ କରି ତାଙ୍କ ବାଇକ୍ ସହ ୧ଲକ୍ଷ ୭୦ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ହଳଦୀପଦା ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର କ୍ଷଣେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି।

ରୂପ୍ସା ଥାନା ଆଗମୌଦା ଗ୍ରାମର ଗୋରୁ ବ୍ୟବସାୟୀ ଭିକାରୀ ଚରଣ ପ୍ରଧାନ ବାରିକପୁର ହାଟରୁ ବ୍ୟବସାୟ କରି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ବାଇକ୍ ଡିକିରେ ୧ଲକ୍ଷ ୭୦ହଜାର ଟଙ୍କା ଥିଲା ବୋଲି ସେ କହିଛନ୍ତି। ନିଧିପଣ୍ଡା ଛକ ନିକଟରେ ଏକ ପଲସରରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମୁଣ୍ଡକୁ ଭୁଜାଲି ମାଡ଼ କରିଥିଲେ। ଭୟଭୀତ କରାଇ ଭିକାରୀଙ୍କ ବାଇକ୍ ସହ ଟଙ୍କା ନେଇ ଆଖି ପିଛୁଳାକେ ଚମ୍ପଟ ମାରିଥିଲେ। ଆହତ ଭିକାରୀ ମୋବାଇଲ ଯୋଗେ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ପହଞ୍ଚି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ଦାବି ହୋଇଛି।

# ଅଂଶୁଘାତର ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି

ଯାଜପୁର ଟାଉନ, ୧୩।୩(ଡିଏନଏ)

ଚଳିତ ଗ୍ରୀଷ୍ମ ଋତୁରେ ଅଂଶୁଘାତ ଓ ପ୍ରଚଣ୍ଡ ରୌଦ୍ରତାପର ମୁକାବିଲା ଏକ ସାମୁହିକ ଦାୟିତ୍ୱ। ଜନସଚେତନତା ହିଁ ଏହାର ମୁକାବିଲାରେ ସହାୟକ ହେବ ବୋଲି ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ରୌଦ୍ରତାପ, ଅଂଶୁଘାତ,

## ବଢ଼ିଲାଣି ଖରା

ଜଳ ଓ ବିଜୁଳି କଷ୍ଟ ନିବାରଣ ନିମନ୍ତେ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ନାୟକ ଲୋକଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟରେ ଅଂଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋର୍ଡିଂ, ପୋଷ୍ଟର ଇତ୍ୟାଦି ଲଗାଯିବା, ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା, ଲୋକମାନେ



ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଜନ ପ୍ରତିନିଧିମାନେ।

ଟାଣ ଖରାରେ ଅତି ଆବଶ୍ୟକ ନ ହେଲେ ବାହାରକୁ ନ ବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା, କଳା ଚଷମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଏଥିରେ ଯୋଗଦେଇ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି ଦଳଗତଭାବେ ପ୍ରତ୍ୟେକ ଅଧିକାରୀ ଓ ବିଭାଗ ସମନ୍ୱୟ ରକ୍ଷାକରି ଅଂଶୁଘାତର ମୁକାବିଲା କରିବାକୁ ଆହ୍ୱାନ ଦେଇଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପନ୍ନ କରି ଲୋକଙ୍କୁ ସେବା ଯୋଗାଇବାକୁ ମତ ଦେଇଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ସମସ୍ତ ଅଧିକାରୀ ଓ ବିଭାଗ ଏହି ଅଂଶୁଘାତର ମୁକାବିଲା ପାଇଁ ସ୍ୱତନ୍ତ୍ର ଯୋଜନା କରି ତାକୁ ଠିକ ଭାବେ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ୍ ଲାଇନ୍‌ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟାକ ଟ୍ୟାଙ୍କର ଯୋଗାଡ କରି ରଖିବା ସହ ଜଳ ସମସ୍ୟା ସମ୍ପର୍କିତ ଅଭିଯୋଗ ପୁସ୍ତିକାକୁ ପଞ୍ଚାୟତ ଓ ବ୍ଲକସ୍ତରରେ ଉପଲବ୍ଧ କରାଇ ନିୟମିତ ଭାବେ ଯାଞ୍ଚ କରି ପଦକ୍ଷେପ ନେବା, ଶିକ୍ଷାନୁଷ୍ଠାନଗୁଡିକୁ ସରକାରୀ ଘୋଷଣା ଅନୁସାରେ ସକାଳୁଆ କ୍ଲାସ କରିବା ଆଦି ପାଇଁ ଭାରପ୍ରାପ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ଜରୁରୀ ବିଭାଗର ହେଲ୍‌ପ ଲାଇନ ନମ୍ବର ୧୦୭୭ ଓ ୦୬୭୨-୮୨୨୨୬୪୮କୁ ଉପଯୋଗ କରିବା ପାଇଁ ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି ପ୍ରତ୍ୟେକ ବ୍ୟକ୍ତି ବିଶେଷ ନିଜ ଘରର ଛାତ ବା ଖୋଲା ସ୍ଥାନରେ ପକ୍ଷୀ ଓ ପଶୁମାନଙ୍କ ପାଇଁ ଜଳପୂର୍ଣ୍ଣ ପାତ୍ର ରଖିବାକୁ ଅନୁରୋଧ କରାଯାଇଥିଲା। ଶିଳ୍ପସଂସ୍ଥା ଏହି ସମୟରେ ବିଭିନ୍ନ ସ୍ଥାନରେ ଜଳ ଯୋଗାଣ ଓ ଜଳଛତ୍ର କେନ୍ଦ୍ର ଖୋଲିବା ପାଇଁ ଅନୁରୋଧ କରାଯାଇଥିଲା। କୌଣସିଠାରେ ଅଂଶୁଘାତ ମୃତ୍ୟୁ ଅଭିଯୋଗ ଆସିଲେ ତହସିଲଦାର ଓ ସ୍ୱାସ୍ଥ୍ୟ ଅଧିକାରୀ ୩୬ ଘଣ୍ଟା ମଧ୍ୟରେ ଯୁଗ୍ମ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକ ପ୍ରାରମ୍ଭରେ ଜିଲା ଜରୁରୀ ଅଧିକାରୀ ଉମେଶ ଲେଙ୍କା ସମସ୍ତଙ୍କୁ ସ୍ୱାଗତ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶେଷରେ ଜିଲା ଜରୁରୀ ବିଭାଗର ପ୍ରକଳ୍ପ ଅଧିକାରୀ ଦେବାଶିଷ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ବିଡିଓ, ତହସିଲଦାର, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ପୁନଃ ଥଇଥାନ ନିଯୁକ୍ତି ଦାବିରେ ଧାରଣା

ଯାଜପୁର ଟାଉନ, ୧୩।୩(ଡିଏନଏ)

ଯାଜପୁର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୁନଃ ଥଇଥାନ ନିଯୁକ୍ତି ପାଇଁ ଆଶାୟୀ ପ୍ରାର୍ଥୀମାନେ ଧାରଣାରେ ବସି ରହିଛନ୍ତି। ଯାଜପୁର ଜିଲାର ପୁନଃ ଥଇଥାନ ନିଯୁକ୍ତି ଆଶାୟୀ ପ୍ରାର୍ଥିନୀପ୍ରାର୍ଥୀମାନେ ଗତ ୨୦୧୬ ମସିହାରୁ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ନିଯୁକ୍ତି ପାଇଁ ଦାବି କରିଆସୁଛନ୍ତି। ଫେବୃୟାରୀ ୨୯ ଜିଲା ଶିକ୍ଷାଅଧିକାରୀ କାର୍ଯ୍ୟାଳୟରେ କାଉନସେଲିଂ କରାଯାଇ ୭ଦିନ ମଧ୍ୟରେ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇ ନାହିଁ। ଶୁକ୍ରବାର ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶିଷ ପଣ୍ଡା, ମାଳତିଲତା ସାହୁ, ସ୍ମୃତିମୟୀ ସାହୁ, ନିଶିପଦ୍ମା ଦାସ, ଶୁଭଶ୍ରୀ ମିଶ୍ର, ସ୍ନେହକ ରଞ୍ଜନ ସାହୁ, ସତ୍ୟନାରାୟଣ ସାହୁ, ଅଭୟ ସୂତାର, ମାନସ ରଞ୍ଜନ ବିଶ୍ୱାଳ, ଶଶିଭୂଷଣ ମଲ୍ଲିକ, ମକର ଚନ୍ଦ୍ର ପରିଡା, ତାରିଣୀ ଚନ୍ଦ୍ର ବୋଇତେଇ ପ୍ରମୁଖ ଧାରଣାରେ ବସିରହି ଶିକ୍ଷାଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ୨ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ, ୧ଲକ୍ଷ ଟଙ୍କା ଜରିମାନା

ଯାଜପୁର ଟାଉନ, ୧୩।୩ (ଡିଏନଏ)

## ଚୋରା ଗଞ୍ଜେଇ ବ୍ୟବସାୟ କରିବା ଘଟଣା

୨ଜଣ ଚୋରା ଗଞ୍ଜେଇ ବ୍ୟବସାୟୀଙ୍କୁ ଯାଜପୁର ଦୌରା ତଥା ସ୍ୱତନ୍ତ୍ର ଜଜ୍ ବିରଞ୍ଚି ନାରାୟଣ ମିଶ୍ର ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରି ଶୁକ୍ରବାର ଦିନ ଏକ ରାୟ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଧର୍ମଶାଳା ଅବକାରୀ ବିଭାଗ ଅଧୀନ କୁଆଖିଆ ଥାନା କଲଣ ଗ୍ରାମର ଟୀମସେନ ସାହୁ ଓ ସୁରେନ୍ଦ୍ର ସାହୁ ଚୋରା ଗଞ୍ଜେଇ ବ୍ୟବସାୟ କରିଆସୁଥିଲେ। କୌଣସି ବିଶେଷ ସୂତ୍ରରୁ ଧର୍ମଶାଳା ଅବକାରୀ ବିଭାଗ ଖବରପାଇ ଟୀମସେନଙ୍କ ଘରେ ୨୦୧୭ ଡିସେମ୍ବର ୬ରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ସମୟରେ ତାଙ୍କ ଘରୁ ୨ଟି ଗଞ୍ଜେଇ ବସ୍ତାକୁ ଜବତ କରାଯାଇଥିଲା। ଏହି ୨ଟି ବସ୍ତାରେ ପ୍ରାୟ ୫୫ କେ.ଜି ଗଞ୍ଜେଇ ରହିଥିବାବେଳେ ସୁରେନ୍ଦ୍ର ସାହୁ ବ୍ୟବସାୟୀ ପାଇଁ ୨୭ କେ.ଜି ଗଞ୍ଜେଇ ଆଣୁଥିବା ସମୟରେ ଉଭୟଙ୍କୁ ଗିରଫ କରାଯାଇଥିଲା। ଅବକାରୀ ପକ୍ଷରୁ ଏନେଇ ଏକ ମାମଲା (ନଂ.୨/୨୦୧୭) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ୪ଜଣ ସାକ୍ଷୀ, ୨୦ଟି ଦସ୍ତାବିଜ୍ ଓ ରାସାୟନିକ ରିପୋର୍ଟକୁ ଆଧାର କରି ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ବିରଞ୍ଚି ନାରାୟଣ ମିଶ୍ର ଉଭୟଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଏହି ଜରିମାନା ଅନାଦେୟରେ ପୁନଶ୍ଚ ୧ବର୍ଷ ଜେଲ୍ ଦଣ୍ଡାଦେଶ କରି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ସମରେନ୍ଦ୍ର ଦାସ ମାମଲାଟିକୁ ପରିଚାଳନା କରିଥିଲେ।

## କୃଷକ ସଚେତନତା କର୍ମଶାଳା

ଛତିଆ, ୧୩।୩(ଡିଏନଏ)

ବଡ଼ଚଣା କ୍ଷୁଦ୍ର ଜଳସେଚନ ମଣ୍ଡଳ ତରଫରୁ ସମିଆ ପଞ୍ଚାୟତର କଳକଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଡାକବଙ୍ଗଳା ଓ ଚମ୍ପାପୁର ଉଚ୍ଚବିଦ୍ୟାଳୟଠାରେ ୨ଟି କୃଷି ସଚେତନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଳକଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧୀନ ସମିଆ, ଶାଳପଡା, ଖଙ୍କିରା, ଲାଉଲଇ, ପଞ୍ଚାୟତର କୃଷକ ଉକ୍ତ କର୍ମଶାଳାରେ ଯୋଗ ଦେଇଥିଲେ। ବଡ଼ଚଣା କ୍ଷୁଦ୍ର ଜଳସେଚନ ମଣ୍ଡଳର ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ କୁମାର ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଗୁରୁରି ରାମକ୍ରୀଷ୍ଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚାଷୀଙ୍କୁ ଜଳ ସୁପରିଚାଳନା ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ ସହିତ କେନାଲର ରକ୍ଷଣାବେକ୍ଷଣ ଏବଂ ଜଳ କିପରି ସମସ୍ତଙ୍କ ଜମିରେ ସୁଚାରୁ ରୂପେ ପହଞ୍ଚି ପାରିବ, ମୁଖ୍ୟ କେନାଲ ଓ ଶାଖା କେନାଲର ରକ୍ଷଣାବେକ୍ଷଣ ଓ ପାଣି ପଞ୍ଚାୟତ ଦାୟିତ୍ୱ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଇଥିଲା। ଉକ୍ତ ଅଞ୍ଚଳର ଚାଷୀ ଉମାକାନ୍ତ ମଙ୍ଗରାଜ, ହୃଷିକେଶ ମାହାନ୍ତ, କୈଳାଶ ନାୟକ, ନିରଞ୍ଜନ ସାହୁ, ଉମାକାନ୍ତ ପୁଷ୍ଟି, ସୁନାକର ଗୋଛାୟତ, ପ୍ରମୁଖ କୃଷି ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ନିର୍ବାହୀ ଯନ୍ତ୍ରୀ ସେମାନଙ୍କର ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିଆ ସରପଞ୍ଚ କାମିନୀ ଜେନା, ସମିତିସଭ୍ୟା ମାନା ସେଠୀ, ଶାଳପଡା ସରପଞ୍ଚ କୈଳାଶ ଚନ୍ଦ୍ର ନାୟକ, ପ୍ରଫୁଲ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ସହକାରୀଯନ୍ତ୍ରୀ ସାଶ୍ୱତୀ ଗୋଛାୟତ ଧନ୍ୟବାଦ ଦେଇଥିଲେ।

# ରାମ୍‌କୋ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ


ଜାତୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଧର୍ମଶାଳା, ୧୩।୩(ଡିଏନଏ)

ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ରାମକୋ ସିମେଣ୍ଟ କାରଖାନା ପକ୍ଷରୁ ସପ୍ତାହ ବ୍ୟାପୀ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ବଡଚଣା ଥାନାଧିକାରୀ ଦୀପକ କୁମାର ଜେନା ମୁଖ୍ୟଅତିଥି ଓ ଥାନୁଆଳ ସମିତିସଭ୍ୟ ପ୍ରସନ୍ନ କୁମାର ରାଉତ ଅତିଥିଭାବେ ଯୋଗଦେଇ ଜାତୀୟ ସୁରକ୍ଷା ସପ୍ତାହ ଉପରେ ଆଲୋକପାତ କରିଥିଲେ। କାରଖାନା ମୁଖ୍ୟ ଅଜିତ କୁମାର ପାଲ ଉତ୍ସବରେ ଅଧ୍ୟକ୍ଷତା କରି କରି ଆଧୁନିକ ପ୍ରଯୌକ୍ତିକତା ମାଧ୍ୟମରେ ସୁରକ୍ଷା ପ୍ରତି ସଚେତନ ହେବା ପାଇଁ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। କାରଖାନା ଦୁର୍ଘଟଣାମୁକ୍ତ ହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମାରୋହରେ ମହିଳା ଆଥଲେଟ ସଙ୍ଘମିତ୍ରା ଦଳାଇଙ୍କୁ ମାନପତ୍ର ସହ ୨୫ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାରଖାନାର ଡିଜିଏମ ପ୍ରଭାତ କୁମାର ସାହୁ, ଏଜିଏମ, ସୁଧାଂଶୁ ରଞ୍ଜନ ମିଶ୍ର, ଶୁଭାଶିଷ କର, ସର୍ବେଶ୍ୱର ମହାପାତ୍ର ପ୍ରମୁଖ ନାଟକ ପରିଚାଳନାରେ ସହାୟତା କରିଥିଲେ।

# କମ୍ ଉପସ୍ଥାନ ଯୋଗୁ ୧୨ ପ୍ରାଥମିକ ବିଦ୍ୟାଳୟ ବନ୍ଦ

ଧର୍ମଶାଳା, ୧୩।୩(ଡିଏନଏ)

ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁସାରେ ପ୍ରାଥମିକ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରୀଛାତ୍ର ଥିଲେ ସେହି ବିଦ୍ୟାଳୟଗୁଡିକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯିବ। ଧର୍ମଶାଳା ବ୍ଲକରେ ୧୨ଟି ପ୍ରାଥମିକ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରୀଛାତ୍ର ଥିବାରୁ ଉକ୍ତ ସ୍କୁଲଗୁଡିକୁ ନିକଟସ୍ଥ ବିଦ୍ୟାଳୟରେ ଚଳିତ ମାସ ୨୦ ତାରିଖ ସୁଦ୍ଧା ମିଶ୍ରଣ କରାଯିବ। ମିଶ୍ରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଏପ୍ରିଲ ୩ରୁ ନୂତନ ଶିକ୍ଷାବର୍ଷ ପ୍ରାରମ୍ଭରୁ ପାଠପଢ଼ା ଆରମ୍ଭ ହେବ। ମିଶ୍ରଣ ହେଉଥିବା ବିଦ୍ୟାଳୟର ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ସରକାର ବାର୍ଷିକ ୩ ହଜାର ଲେଖାଏଁ ପରିବହନ ଖର୍ଚ୍ଚ ପ୍ରଦାନ କରିବେ। ଧର୍ମଶାଳା ବ୍ଲକର ଉଚ୍ଛେଦ ହେଉଥିବା ସ୍କୁଲଗୁଡିକ ହେଲା ଚଇନିହୁଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଉତ୍ତରଶାସନ (ବି) ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଏରଷଣ୍ଡା ପ୍ରାଥମିକ ବିଦ୍ୟାଳୟ, କୁସୁନପୁର ପ୍ରାଥମିକ ବିଦ୍ୟାଳୟ, ପାଣି ମୁହାଣୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ମୌଲାଖଲି ପ୍ରାଥମିକ ବିଦ୍ୟାଳୟ, ହମଜାପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ମା' ଦେଉଳାଇ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବଡ଼ମାଣ ମୁଣ୍ଡାସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟ, ନୂଆପାଟାଣା ପ୍ରାଥମିକ ବିଦ୍ୟାଳୟ, ନସିଡିପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଉଚ୍ଛେଦ ହେବ ବୋଲି ଚିହ୍ନଟ ହୋଇଛି। ଏନେଇ ଧର୍ମଶାଳା ବିଇଓ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ଯୋଗାଯୋଗ କରିବାରୁ ଆସନ୍ତା ୨୦ ତାରିଖରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ହେବ ବୋଲି କହିଥିଲେ।

# ଟ୍ରେନ୍ ଲାଇନରୁ ମହିଳା ଉଦ୍ଧାର

ଧର୍ମଶାଳା, ୧୩।୩(ଡିଏନଏ)

ଧର୍ମଶାଳା ବ୍ଲକ ଜେନାପୁର ମହିଶରା ପଞ୍ଚାୟତ ବିରିବାଟି ଗ୍ରାମର ଜଣେ ମହିଳା ପାରିବାରିକ ଗଣ୍ଡଗୋଳ ଯୋଗୁ ଜଣେ ମହିଳା ଟ୍ରେନ ଲାଇନରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଛନ୍ତି। ବିରିବାଟି ଗ୍ରାମର ଅରୁଣ ମଲିକଙ୍କ ସ୍ତ୍ରୀ କୁନି (୩୫) ଶୁକ୍ରବାର ଗୋଟାଏବେଳେ ପାରିବାରିକ ଗଣ୍ଡଗୋଳ ଯୋଗୁ ଟ୍ରେନ ଲାଇନରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ କୁନିକୁ ଉଦ୍ଧାର କରି ପରିବାରକୁ ଖବର ଦେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆଜି ସନ୍ଧ୍ୟା ସୁଦ୍ଧା କୁନି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାଯାଇଛି।

# ହୋଲି ଖେଳିଲେ ୧୦୦ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣ ବିମାନ


ଧର୍ମଶାଳା ମୁନ୍‌ସୀ ମେଳଣରେ ଚାରାରେ ବସିଥିବା ବିମାନ।

ଧର୍ମଶାଳା, ୧୩।୩(ଡିଏନଏ)

ପ୍ରସିଦ୍ଧ ଶତାୟୁ ଐତିହାସିକ ଧର୍ମଶାଳା ମୁନ୍‌ସୀ ମେଳଣ ଶୁକ୍ରବାର ଅପରାହ୍ନରେ ଶାନ୍ତିଶୃଙ୍ଖଳାର ସହ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବଡ଼ ଓ ଛୋଟ ୧୦୦ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣ ବିମାନ ଅବିର ହୋଲି ଖେଳିଥିଲେ। ଏହି ନିଆରା ମେଳଣରେ ଠାକୁରବାଡ଼ିଆମାନେ ଅଶ୍ଳୀଳ ନୃତ୍ୟ ଓ ଗୀତ ବଦଳରେ ଭଜନ କୀର୍ତ୍ତନ ଓ ପାରମ୍ପରିକ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ରାଧାକୃଷ୍ଣ ବିମାନକୁ ସୁସଜ୍ଜିତ କରାଯାଇ ଅବିର ରଙ୍ଗରେ ହୋଲି ଖେଳି ଧର୍ମଶାଳା ବାଣୀପୀଠରୁ ରୋଷଣି କରି ବିମାନଗୁଡିକ ମେଳଣ ପଡ଼ିଆରେ ନିର୍ମିତ ଚାରବେଦୀରେ ଉପବେଶନ କରାଇଥିଲେ। ଗତକାଲି ସନ୍ଧ୍ୟାରେ ପ୍ରଥମେ ପାରମ୍ପରିକ ରୀତିନୀତି ଅନୁସାରେ ଥାନପତି ଚୋରମୁହାଁ ରାଧାକୃଷ୍ଣ ବିମାନଙ୍କୁ ଫୁଲ ଅବିର ଦେଇ ମେଳଣ କମିଟି ପକ୍ଷରୁ ସଭାପତି ତଥା ଥାନାଧିକାରୀ ସରୋଜ କୁମାର ସାହୁ ଓ ସମ୍ପାଦକ ଜଳଧର ମହାନ୍ତି ନିମନ୍ତ୍ରଣ କରିବା ପରେ ଥାନପତି ବିମାନ ଆସନରେ ବସିଥିଲେ। ଭକ୍ତି ପୁଷ୍ପାଞ୍ଜଳି ଭଜନ ସନ୍ଧ୍ୟା ପକ୍ଷରୁ କଣ୍ଠଶିଳ୍ପୀ ଶ୍ରୀଚରଣ ଓ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ମେଳଣରେ ହରିପୁର, ଢିହସାହି, ଅଭୟପୁର, ଚହଟାସ୍ୱାଇଁସାହି, ବାଲିଗରି, ଅଚ୍ୟୁତପୁର, ନରସିଂହପୁର, ଚହଟା ମହାନ୍ତିସାହି, ଦକ୍ଷିଣ ଶାସନ, ତରାପୁର, ଜାରକା, ବାଟିଜଙ୍ଗା, ଶ୍ରୀବନ୍ତପୁର, କୋହ୍ଲା, ଦୈଲତପୁର, ରାଣୀବନ୍ଧୀ, ଭୁଷୁଣ୍ଡପୁର, କେଶରପଡା, ଗୋପାଳପୁର ପ୍ରଭୃତି ଶତାଧିକ ବଡ଼ ଓ ଛୋଟ ବିମାନ ଯୋଗ ଦେଇଥିଲେ। ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ୧୮୭୭ ମସିହାରୁ ଏଯାବତ୍ ମୁନସୀ ମେଳଣର ବନ୍ଧୁମିଳନ ଆୟୋଜିତ ହୋଇଆସୁଛି। ଗୁରୁବାର ସନ୍ଧ୍ୟାରେ ବନ୍ଧୁମିଳନ ଉତ୍ସବରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଏସ୍‌ପି ଚରଣ ସିଂ ମୀନା ଯୋଗଦେଇ ପୂର୍ବତନ ଥାନାଧିକାରୀ ତଥା ବର୍ତ୍ତମାନର ଯାଜପୁର ଅତିରିକ୍ତ ଏସ୍‌ପି ଜୟରାମ ଶତପଥୀ, ପୂର୍ବତନ ଆଇଆଇଆସି ତଥା ଉପଦେଷ୍ଟା ଉମାକାନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁକ୍ରବାର ସକାଳୁ ଅପରାହ୍ନ ଯାଏ ଆଖପାଖ ଗ୍ରାମର ଅନେକ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ମେଳଣ ପଡ଼ିଆରେ ରୁଣ୍ଡ ହୋଇ ରାଧାକୃଷ୍ଣଙ୍କ ହୋଲିଖେଳକୁ ଉପଭୋଗ କରିଥିଲେ। ଧର୍ମଶାଳା ବାଣୀପୀଠର ପୁରାତନ ଛାତ୍ର ସଂସଦ ପକ୍ଷରୁ ଜଳଛତ୍ର ଖୋଲା ଯାଇଥିଲା। ଧର୍ମଶାଳା ମୁନସୀ ମେଳଣ କମିଟି ସଭାପତି ଥାନାଧିକାରୀ ସରୋଜ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ବିପିନ ବିହାରୀ ନାୟକ, ସମ୍ପାଦକ ଜଳଧର ମହାନ୍ତି, ସହ ସମ୍ପାଦକ ପ୍ରମୋଦ କୁମାର ଦାସଙ୍କ ସମେତ ସୁଦୀପ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ଅବଧୂତ ରାଉତ ପ୍ରମୁଖ ମେଳଣ କମିଟି ସମସ୍ତ ସଦସ୍ୟ, ଧର୍ମଶାଳା ଥାନାର ସମସ୍ତ କର୍ମଚାରୀ ଏହି ମେଳଣକୁ ପରିଚାଳନା କରିଥିଲେ। ସମସ୍ତ ରାଧାକୃଷ୍ଣ ବିମାନ ହାଟପଡ଼ିଆସ୍ଥିତ ଚାରବେଦୀରେ ବସିବାପରେ ରୀତିନୀତି ଅନୁସାରେ ଠାକୁରମାନେ ଭୋଗ ଖାଇଥିଲେ। ପରେ ମେଳଣ କମିଟି ପକ୍ଷରୁ ଠାକୁର ଓ ଠାକୁରବାଡ଼ିଆଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ଏସସିଏସଟି ବର୍ଗର ପ୍ରାର୍ଥୀଙ୍କୁ ଅଣଦେଖା ଅଭିଯୋଗ
## ପୋଲିସ ବିଭାଗରେ ନିଯୁକ୍ତି

ଯାଜପୁର ଟାଉନ, ୧୩।୩(ଡିଏନଏ)

ରାଜ୍ୟ ସରକାରଙ୍କ ଗୃହବିଭାଗ (ପୋଲିସ) ପକ୍ଷରୁ ୨୩୧ଟି ଡ୍ରାଇଭର ପଦବୀ ନିଯୁକ୍ତି ନିମନ୍ତେ ଗତ ମାର୍ଚ୍ଚ ୬ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରାର୍ଥୀଙ୍କ ଆବେଦନର ଶେଷ ତାରିଖ ମାର୍ଚ୍ଚ ୨୮ ତାରିଖକୁ ଧାର୍ଯ୍ୟ କରାଯାଇଛି। ଏହି ପଦବୀଗୁଡିକ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତିର ପ୍ରାର୍ଥୀଙ୍କ ପାଇଁ ବୟସ କୋହଳ କରାଯାଇଥିବାବେଳେ ଏସସିଏସଟି ବର୍ଗର ପ୍ରାର୍ଥୀଙ୍କ ପାଇଁ ବୟସ ସୀମା କୋହଳ କରାଯାଇ ନାହିଁ। ପୋଲିସ ବିଭାଗର ଏପରି ପାତରଅନ୍ତର ନୀତିକୁ ନେଇ ଏସସିଏସଟି ବର୍ଗର ପ୍ରାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଗତ ୬ତାରିଖ ଯାଜପୁରଠାରେ ଏସସିଏସଟି ବର୍ଗର ପ୍ରାର୍ଥୀଙ୍କର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏହି ବିଜ୍ଞପ୍ତିର ସଂଶୋଧନ କରି ଏସସିଏସଟି ବର୍ଗର ପ୍ରାର୍ଥୀଙ୍କ ବୟସ ସୀମାଠାରୁ ୩ବର୍ଷ କୋହଳ କରିବାକୁ ଦାବି କରାଯାଇଛି। ଏହି ଦାବିର ପୁର୍ନବିଚାର କରା ନ ଗଲେ ବାଧହୋଇ ଇଚ୍ଛୁକ ପ୍ରାର୍ଥୀମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସଜବାଜ ହେବାର ସୂଚନା ମିଳିଛି। ତୁରନ୍ତ ଗୃହ ବିଭାଗ ସଚିବ ଏ ଦିଗରେ ଦୃଷ୍ଟି ଦେବା ପାଇଁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଭଣ୍ଡାର ସାମଗ୍ରୀ ଯୋଗାଣ**
ନଂ.: ଏସ୍/ଏପି/୨୦୧୯-୨୦/ଆଡିଶନ୍/ ତାରିଖ: ୦୯।୦୩।୨୦୨୦
ମାର୍ଚ୍ଚ ୨୦୨୦ ମାସର ରାୟପୁର ଡିଭିଜନରେ ଇ-ନିଲାମ ଅନୁସୂଚୀ କାର୍ଯ୍ୟକ୍ରମରେ ନିମ୍ନ ଅନୁଯାୟୀ ଯୋଗ କରାଯିବ: ରାୟପୁର/ଡିଭିଜନ: ୧୧।୦୩।୨୦୨୦, ୧୬।୦୩।୨୦୨୦, ୧୮।୦୩।୨୦୨୦, ୨୦।୦୩।୨୦୨୦, ୨୩।୦୩।୨୦୨୦, ୨୬।୦୩।୨୦୨୦, ୨୭।୦୩।୨୦୨୦, ୩୧।୦୩।୨୦୨୦। ଇ-ନିଲାମ ଅନୁସୂଚୀ ଏବଂ ଇ-କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍ www.ireps.gov.in/e-Auction ପରିଦର୍ଶନ କରନ୍ତୁ। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ଡେପୁଟି ଚିଫ୍ ମ୍ୟାଟେରିଆଲ୍ସ ମ୍ୟାନେଜର/ବିକ୍ରୟ
CPR/10/489 ଏସ୍.ଇ.ସି.ରେଳପଥ/ବିଳାସପୁର
South East Central Railway @Secrail

**ପୂର୍ବ ମଧ୍ୟ ରେଳପଥ**
**ଇ-ଟେଣ୍ଡର ବିଜ୍ଞପ୍ତି**
ଇ-ଟେଣ୍ଡର ନଂ. ୨୦୧୯/ଡବ୍ଲ୍ୟୁପି/ଇଏନ୍‌ଜିଜି/କେଜିପି/ପିଏଚ୍-II/ଡବ୍ଲ୍ୟୁଟି-୧୭ (ଖୋଲା)
ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଇ-ଟେଣ୍ଡର (ଖୋଲା) ଆମନ୍ତ୍ରଣ କରାଯାଉଛି। (୧) କାର୍ଯ୍ୟର ନାମ ଓ ଏହାର ଅବସ୍ଥିତି: ଖଡ଼ଗପୁର ୱାର୍କଶପ୍ (ଫେଜ୍-II), ଦକ୍ଷିଣ ପୂର୍ବ ରେଳପଥଠାରେ ଏଲ୍ଏଚ୍‌ବି କୋଚ୍‌ଗୁଡ଼ିକ ପାଇଁ ପିଓଏଚ୍ କ୍ଷମତାର ପରିବର୍ଦ୍ଧନ ସଂକ୍ରାନ୍ତରେ କମ୍ପୋଜିଟ୍ କାର୍ଯ୍ୟ (ସିଭିଲ, ଇଲେକ୍ଟ୍ରିକାଲ ଓ ମେକାନିକାଲ) ଯାହା ମଧ୍ୟରେ ପ୍ରି-ଇଞ୍ଜିନିୟର୍ଡ ବିଲ୍ଡିଂ (ପିଇବି) ଇନ୍ସପେକ୍ସନ୍ ପିଟ୍, ଇଲେକ୍ଟ୍ରିକ ସବ୍‌ଷ୍ଟେସନ (ଇଏସ୍ଏସ୍) ଟ୍ରାକ୍ କାର୍ଯ୍ୟ, ବିଦ୍ୟୁତୀକରଣ ଓ ଆଲୋକୀକରଣ କାର୍ଯ୍ୟ, ସୂଚିତ ମେକାନିକାଲ୍ ଯନ୍ତ୍ରପାତି ଓ କାରଖାନାର ସଂଗ୍ରହଣ ଓ କମିଶନିଂ ତଥା ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସିଭିଲ, ଇଲେକ୍ଟ୍ରିକାଲ ଓ ମେକାନିକାଲ୍ କାର୍ଯ୍ୟ ଅନ୍ତର୍ଭୁକ୍ତ। (୨) କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୩୩,୩୭,୧୩,୨୮୧.୪୩ (୩) ଜମା କରାଯିବାକୁ ଥିବା ଅମାନତ ରାଶି: ଟ.୧୮,୧୮,୬୦୦/- (୪) ଇ-ଟେଣ୍ଡରର ସମାପ୍ତିର ତାରିଖ ଓ ସମୟ: ତା୩୦।୦୩।୨୦୨୦ରିଖ ୧୩.୦୦ ଘଟିକାରେ (୫) ୱେବ୍‌ସାଇଟ୍ ସୂଚନା ଏବଂ ନୋଟିସ୍ ବୋର୍ଡ ଅବସ୍ଥିତି ଯେଉଁଠାରେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ: ଟେଣ୍ଡର କେବଳ ଆଇଆରଇପିଏସ୍ ୱେବ୍‌ସାଇଟ୍ www.ireps.gov.inରୁ ଡାଉନ୍‌ଲୋଡ୍ ଓ ବିଡ୍ କରାଯାଇପାରିବ। ଅନ୍ୟ କୌଣସି ସୂଚନା ପାଇଁ ଦୟାକରି ଚିଫ୍ ଇଞ୍ଜିନିୟର-I/ୱାର୍କଶପ୍ ପ୍ରୋଜେକ୍ଟସ୍, ଭାରତୀୟ ରେଳପଥ, ଟାୱାର୍ ଭବନ, ୪ର୍ଥ ମହଲା (ଇଞ୍ଜିନିୟରିଂ ବିଭାଗ) ଜେ.ସି. ରୋଡ୍, ପାଟନା-୮୦୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
ସିଏଓ/ଡବ୍ଲ୍ୟୁପି/ପାଟନା
PR/2409/WPO/Engg./T/19-20/40



ଜଣେ ବିପଦରେ ପଡ଼ିଥିବାବେଳେ ତାହାର ସୁଯୋଗ ନେଇ ତାକୁ କଷ୍ଟଦେବା ବିବେକହୀନର କାର୍ଯ୍ୟ।
-ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ଖରସ୍ରୋତା ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

**ସିଂହପୁର, ୧୩।୩(ଡିଏନଏ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ନୂତନ ପାଠାଗାର ଓ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଧାପକ ସୁବୋଧ ନାୟକଙ୍କ ପୌରହିତ୍ୟରେ ଉତ୍ସବରେ ମୁଖ୍ୟ ଗ୍ରନ୍ଥାଗାରିକ ପ୍ରଣୟ ଥାଟୋଇ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ସୁଶାନ୍ତ ନାୟକ, ପୂର୍ବତନ ଅଧକ୍ଷ କ୍ଷୀରୋଦ ବେହେରା, ଗୋଲଖ ବିହାରୀ ଦାସ, ଅଧାପକ ଶ୍ରୀକାନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ସାମଲ, ଘନଶ୍ୟାମ ଜେନା, ମିହିର ରାଉତ, ଉପେନ୍ଦ୍ର ସାମଲ, କୈଳାସ ଚନ୍ଦ୍ର ମିଶ୍ର, ବୈଭବ ନାୟକ, ଚନ୍ଦନ ପତି, ଅଧାପିକା ଅର୍ପିତା ସ୍ୱାଇଁ, ସୁଚିତ୍ରା ରାଉତ, ସୁଚିଶ୍ମିତା ନାୟକ, ପଞ୍ଚାନନ ଜେନା, ଅଶୋକ ସାମଲ, ପରିକ୍ଷିତ ସାମଲଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ରହି ଉତ୍ସବ ପରିଚାଳନା କରିଥିଲେ।

### ବିଜେଡି ମହିଳା ସଭା ବାତିଲ

**ରତ୍ନଗିରି, ୧୩।୩(ଡିଏନଏ):** ରଘୁନାଥପୁର ପଡ଼ିଆରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ବରୀର ବିଜେଡି ମହିଳା ସଭା ବାତିଲ ହୋଇଯାଇଛି। କରୋନା ଭୂତାଣୁ ସଂକ୍ରମଣ ଆଶଙ୍କାରେ ଏହି ସଭା ବାତିଲ କରାଯାଇଛି ବୋଲି ବ୍ଲକ ସଭାପତି କେଦାର ସାମଲ ସୂଚନା ଦେଇଛନ୍ତି।

### ବରୀ ସଂସ୍କୃତି, ଐତିହ୍ୟ ପରମ୍ପରା ଉଜ୍ଜୀବିତ କରି ରଖିବା ପାଇଁ ବିଧାୟିକାଙ୍କ ପ୍ରୟାସ

**ବରୀ, ୧୩।୩ (ସ୍ୱ.ପ୍ର.):** ବରୀର ସାହିତ୍ୟ, ସଂସ୍କୃତି ଐତିହ୍ୟ, ପରମ୍ପରା ଧିରେଧିରେ ହଜିଯାଉଥିଲାବେଳେ ଏହାକୁ ଉଜ୍ଜୀବିତ କରି ରଖିବା ପାଇଁ ବରୀ ବିଧାୟିକା ସୁନନ୍ଦା ଦାସ ପ୍ରୟାସ ଆରମ୍ଭ କରିଛନ୍ତି। ଗତ ସପ୍ତାହରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଚାଳଘର ସାହିତ୍ୟ ସଂସଦ ମିଳିତ ଉଦ୍ୟମରେ ବରୀ ବ୍ଲକ ଅଧୀନ ଅଷ୍ଟଶମ୍ଭୁ ମନ୍ଦିର ପ୍ରାଙ୍ଗଣରେ ସାହିତ୍ୟ ସଂସ୍କୃତି ସଂକୀର୍ତ୍ତନ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଅଂଶଗ୍ରହଣ କରି ୫୦ରୁ ଊର୍ଦ୍ଧ୍ୱ କୀର୍ତ୍ତନ ମଣ୍ଡଳୀକୁ ସମ୍ବର୍ଦ୍ଧିତ କରିବା ସହ ଗୁରୁବାର ବରୀର ଜାତୀୟ କବି ବାଞ୍ଛାନିଧି ଦାଶଙ୍କ କଟକସ୍ଥିତ ବାସଭବନରେ ବିଧାୟିକା ପହଞ୍ଚି କବିଙ୍କ ଲୁକ୍କାୟିତ ପ୍ରତିଭା ଓ କବିଙ୍କ ମନ ଭିତରେ ଥିବା ଗୁଡାଏ ସ୍ୱପ୍ନକୁ ବିଧାୟିକା ତାଙ୍କ ନିଜସ୍ୱ ଉଦ୍ୟମରେ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରୀପ୍ରେକ୍ଷୀରେ ସ୍ୱର୍ଗତଃ କବି ବାଞ୍ଛାନିଧି ଦାସଙ୍କ ପରିବାର ଲୋକଙ୍କ ସହ କବିଙ୍କ କାଳଜୟୀ କୃତି ଖୋଜିବା ସହିତ ପରିବାର ଲୋକଙ୍କ ସହ ବିଧାୟିକା ଦାଶ ଖୋଲାଖୋଲି ଆଲୋଚନା କରିଥିଲେ। ସେହିପରି ବାଲିଆସ୍ଥିତ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମପୀଠକୁ ଉନ୍ନତୀକରଣ କରାଯାଇ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଦାସ ଉଦ୍ୟମ ଆରମ୍ଭ କରିଛନ୍ତି। ରତ୍ନଗିରି ଭଳି ବୌଦ୍ଧପୀଠ ବହୁ ପୁରାତନ ମନ୍ଦିରମାଳିନିର ବିକାଶ ପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବେ ବୋଲି ଦାସ କହିଛନ୍ତି।

# ଦାଦନ ମୁହାଁ ଶ୍ରମିକ, କର୍ମଚାରୀ

**ସୁକିନ୍ଦା ଅଞ୍ଚଳରେ ୩ ଖଣି କାର୍ଯ୍ୟ ବନ୍ଦ**
- ମାର୍ଚ୍ଚ ୩୧ରେ ସରୁଛି ମିଶ୍ରିଲାଲ, ବିସି ମହାନ୍ତି, ଟାଟା ଖଣି ଲିଜ ଅବଧି
- କାମ ହରାଇଛନ୍ତି ଆଉଟ ସୋର୍ସିଂଭାବେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀ

**କାଳିଆପାଣି, ୧୩।୩(ଡିଏନଏ)**

୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟର ବହୁ ଖଣି ଲିଜ ଅବଧି ସରୁଛି। ଫଳରେ ସୁକିନ୍ଦା ଅଞ୍ଚଳରେ ଅନେକ ଖଣି ବନ୍ଦ ହେଉଥିବାରୁ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନେ ଦାଦନମୁହାଁ ହେଉଥିବା ଜଣାପଡ଼ିଛି। ସୂଚନା ମୁତାବକ, ସୁକିନ୍ଦା କ୍ରୋମାଇଟ ଖଣି ଅଞ୍ଚଳ ସ୍ଥିତ ମିଶ୍ରିଲାଲ, ବିସି ମହାନ୍ତି, ସୁକିନ୍ଦା କ୍ରୋମାଇଟ ମାଇନ୍ସ ଟାଟା ଖଣି ଲିଜ ଅବଧି ମାର୍ଚ୍ଚ ୩୧ରେ ଶେଷ ହେଉଥିବାରୁ ଉକ୍ତ ୩ ଖଣି କର୍ତ୍ତୃପକ୍ଷ ସମସ୍ତ କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ଫଳରେ ଖଣିରେ କାର୍ଯ୍ୟ କରୁଥିବା ନିୟମିତ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ ଅନ୍ୟତ୍ର ବଦଳି କରାଯାଇ ଥଇଥାନ କରାଯାଉଥିବାବେଳେ ଆଉଟ ସୋର୍ସିଂଭାବେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀମାନେ କାମ ହରାଇ ଘରେ ହାତ ବାନ୍ଧି ବସିଛନ୍ତି। ୩ଟି ଖଣିର ଆନୁମାନିକ ୫ହଜାର ଲୋକ ଏବେ କାମ ହରାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଖଣି ଲିଜ୍‌ର ଏବେ ଟେଣ୍ଡର ଡକା ହେବା ସହ ବିଭିନ୍ନ ଖଣି କର୍ତ୍ତୃପକ୍ଷ ଉକ୍ତ ଟେଣ୍ଡର ହାତେଇ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ସୁକିନ୍ଦା କ୍ରୋମାଇଟ ଖଣି ଅଞ୍ଚଳର ୩ଟି ଖଣି ମଧ୍ୟରୁ ମିଶ୍ରିଲାଲ ଖଣି ଓ ବିସି ମହାନ୍ତି ଖଣିର ଟେଣ୍ଡର ଏକ କମ୍ପାନୀକୁ ମିଳିଛି। ମାତ୍ର ଟାଟା ଖଣି ଲିଜ ଶେଷ ହୋଇ ନ ଥିବାବେଳେ କମ୍ପାନୀ ପକ୍ଷରୁ ସମସ୍ତ ଠିକାଶ୍ରମିକ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଏହି ୩ ଖଣିରେ ସ୍ଥାନୀୟ ଅଞ୍ଚଳର ପ୍ରଭାବିତ ଲୋକେ କାର୍ଯ୍ୟ କରୁଥିଲେ। ଖଣି ଲିଜ ଅବଧି ନିକଟତର ହେଉଥିବାରୁ ସମସ୍ତ ଖଣିରେ ଏକ ପ୍ରକାର କାର୍ଯ୍ୟ ବନ୍ଦ ହୋଇଗଲାଣି। ଫଳରେ ସ୍ଥାନୀୟ ଅଞ୍ଚଳର ଲୋକେ କାମ ହରାଇ ବାହାର ରାଜ୍ୟ ଯଥା ତାମିଲନାଡୁ, ଆସାମ, ପଶ୍ଚିମବଙ୍ଗ ଆଦି ରାଜ୍ୟମୁହାଁ ହେଉଥିବା ରାଁସୋଳ, କଲରଙ୍ଗୀ, ମହୁଲଖାଲ, ବରଗଜୀ, କାଙ୍କଡ଼ପାଳ, କୃଷ୍ଣପୁର, କାଠପାଳ ଆଦି ଗ୍ରାମର ଲୋକେ ପ୍ରକାଶ କରିଛନ୍ତି। ଏହି ଖଣି ଦ୍ୱାରା ଉପକୃତ ହେଉଥିବା ହଜାର ହଜାର ଶ୍ରମିକ ବେକାର ହେବା ସହ ନିଜ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ନିଷ୍ପତି ନେଇଥିବା ଜଣାପଡ଼ିଛି। ଏନେଇ ସ୍ଥାନୀୟ କର୍ମଚାରୀ ସଂଘ ଉପଦେଷ୍ଟା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କୁ ଭେଟି ସମସ୍ୟା ସମ୍ବନ୍ଧରେ ଅବଗତ କରିଥିବାବେଳେ ଘଡ଼େଇ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଖଣି ଦ୍ୱାରା ପରୋକ୍ଷଭାବେ ଅର୍ଥ ଉପାର୍ଜନ କରି ପରିବାର ପ୍ରତିପୋଷଣ କରୁଥିବା କିଛି ଠିକାଦାର, ସପ୍ଲାୟର, ଜଳଖିଆ ଦୋକାନୀ, ପରିବା ଓ ଗ୍ରୋସୋରୀ ଦୋକାନୀ ପ୍ରମୁଖ କାମ ଓ ଉପାର୍ଜନ ହରାଇ ଅସହାୟ ହୋଇପଡ଼ିଛନ୍ତି। ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟ ଯିବାକୁ ପ୍ରସ୍ତୁତ ହେଉଥିବା ଖଣି ଶ୍ରମିକ ଲାରୁଆ ପଧାନ, ଜୀବନ ମୁଣ୍ଡା, ମହର ଦେହୁରୀ, ନାରଙ୍ଗ ଦେହୁରୀ ପ୍ରମୁଖ ପ୍ରକାଶ କରିଛନ୍ତି।

# ବିବାହ ବେଦିରୁ ବରକନ୍ୟାଙ୍କୁ ଉଠାଇ ଦେଲା ପ୍ରଶାସନ



ବିବାହସ୍ଥଳରେ ପ୍ରକଳ୍ପ ଅଧିକାରିଣୀ ଓ ପୋଲିସ।

**ଅଟକିଲା ନାବାଳିକା ବିବାହ**

**ରସୁଲପୁର, ୧୩।୩(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଦୁର୍ଗାଦେବୀ ମନ୍ଦିରରେ ଜଣେ ନାବାଳିକା କନ୍ୟା(୧୬)ଙ୍କୁ ତାଙ୍କ ପରିବାର ଲୋକେ ବିବାହ କରିଦେଉଥିବାବେଳେ ଏହି ବାହାଘରକୁ ବନ୍ଦ କରିଦେଇଛନ୍ତି ରସୁଲପୁର ବ୍ଲକ ଶିଶୁ ମଙ୍ଗଳ ପ୍ରକଳ୍ପ ଅଧିକାରିଣୀ ଦିପ୍ତିମୟୀ ନାୟକ। ପ୍ରକାଶ ଯେ, ମନ୍ଦିରରେ ନାବାଳିକାଙ୍କ ବିବାହ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। କେବଳ ବ୍ରାହ୍ମଣ ମନ୍ତ୍ରପାଠ ପରେ ହାତଗଣ୍ଠି ପଡିବାକୁ ବାକି ଥିଲା। ପ୍ରକଳ୍ପ ଅଧିକାରିଣୀ ନାୟକ ବିବାହରେ ନିୟୋଜିତ ଉଭୟ ପରିବାର ଲୋକଙ୍କୁ ଡାକି ଝିଅର ବୟସ ପ୍ରମାଣପତ୍ର ମାଗିଥିଲେ। ଝିଅର ଆଧାରକାର୍ଡରେ ବୟସ ସଂଶୋଧନ କରି ଦିଆଯାଇ ୧୯ବର୍ଷ ଦର୍ଶାଯାଇଥିଲା। ତାହା ଭୁଲ ବୋଲି ଅଧିକାରିଣୀ କହିବାରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ନାବାଳିକା ପାଠ ପଢୁଥିବା ବିଦ୍ୟାଳୟରୁ ପ୍ରମାଣପତ୍ର ଆସିବା ପରେ ଝିଅର ପ୍ରକୃତ ବୟସ ଜଣାପଡିଥିଲା। ଏହାପରେ ବାହାଘର ବନ୍ଦ କରାଯାଇଥିଲା। ଏ ଦିଗରେ କୁଆଖିଆ ଥାନା ଭାରପ୍ରାପ୍ତ ଅଧିକାରୀ ମନୋଜ କୁମାର ସ୍ୱାଇଁ, ପ୍ରକଳ୍ପ ଅଧିକାରିଣୀ ଶ୍ରୀମତି ନାୟକ, ସୁପରଭାଇଜର ସତ୍ୟଭାମା ବେହେରା, ପ୍ରେମଲତା ମହାନ୍ତି ପ୍ରମୁଖ ଉଭୟ ପରିବାରକୁ ଏ ନେଇ ବୁଝାଇବା ସହ ଝିଅର ବୟସ ୧୮ବର୍ଷ ନ ପୂରିବା ପର୍ଯ୍ୟନ୍ତ ବିବାହ ନ କରିବାକୁ ବୁଝାଇଥିଲେ। ସୂଚନା ଯେ, ଯାଜପୁରରୋଡ ଥାନା ଲକ୍ଷ୍ମୀନଗର ପଞ୍ଚାୟତର ନାବାଳିକା କୁଆଖିଆ ଥାନା ଅଞ୍ଚଳର ଓଡିଶୋ ପଞ୍ଚାୟତର ମାମୁଁ ଘରେ ରହୁଥିଲେ। ସେ ୨୦୧୮-୧୯ ଶିକ୍ଷାବର୍ଷରେ ପାଠପଢା ଛାଡିଥିଲେ। ଶୁକ୍ରବାର ଉକ୍ତ ନାବାଳିକାଙ୍କ ବିବାହ ହେଉଥିବା ଖବରପାଇ ଅଧିକାରିଣୀ କୁଆଖିଆ ଥାନା ପୋଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ବିବାହ ବନ୍ଦ କରିଥିଲେ।

# ବରୁଣେଶ୍ୱର ପୀଠରେ ହରିହରଙ୍କ ମିଳନ

**ବିଞ୍ଝାରପୁର, ୧୩।୩(ଡିଏନଏ)**

ବିଞ୍ଝାରପୁର ଅଞ୍ଚଳର ପ୍ରସିଦ୍ଧ ବରୁଣେଶ୍ୱର ମେଲଣ ଶନିବାର ଭୋର ସମୟରେ ଆରମ୍ଭ ହୋଇ ଅପରାହ୍ନରେ ଶେଷ ହୋଇଥିଲା। କଲ୍ୟାଣପୁର ପଞ୍ଚାୟତର ବେଲପାଳ, ବଇରିବାଗ ଓ ପଣ୍ଡାସାହିର ଗ୍ରାମବାସୀ ଏହି ମେଲଣ ପର୍ବକୁ ଶହଶହ ବର୍ଷ ପୂର୍ବରୁ ପାରମ୍ପରିକ ଢଙ୍ଗରେ ପାଳନ କରିଆସୁଛନ୍ତି। ଶନିବାର ପ୍ରାତଃକାଳରୁ ଏହି ମେଲଣରେ ବାବା ବରୁଣେଶ୍ୱର ପୀଠରେ ୨୦ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପଦାର୍ପଣ କରିଥିଲେ। ଏହି ପୀଠରେ ହରି ସଦୃଶ କୃଷ୍ଣ ଓ ହର ସଦୃଶ ବରୁଣେଶ୍ୱର ମିଳନ ଦେଖିବାକୁ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଏହି ମେଲଣରେ ବେଲପାଳର ବ୍ରଜମୋହନଜୀଉ, ପଟଣାସାହିର ରାଧାରମଣଜୀଉ, ଗୌଡସାହିର କେଶରା କେଶରୀଜୀଉ, ବିଞ୍ଝାରପୁରର ବୃନ୍ଦାବନଜୀଉ, ଧରମପୁରର ବୁଢା ଗୋବିନ୍ଦ ଜୀଉ, କଲ୍ୟାଣପୁରର ଦାମୋଦର ଜି.ମଦନମୋହନ ଜୀଉ, ବେଲପାଳର ଗୋବିନ୍ଦ ଜୀଉଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣ ମୂର୍ତ୍ତି ବିମାନରେ ବିରାଟ ଶୋଭାଯାତ୍ରାରେ ମେଲଣ ପଡିଆକୁ ଆଗମନ କରିଥିଲେ। ଶୋଭାଯାତ୍ରାରେ ସାପନାଚ, କାଠିନାଚ, ଘୋଡାନାଚ, ଭାଲୁନାଚ ଭଳି ପରମ୍ପରା ଓ ବିଭିନ୍ନ ଲୋକନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିବାବେଳେ ଷଣ୍ଢନୃତ୍ୟ ବା ଲଢେଇ ଦେଖିବାକୁ ଶ୍ରଦ୍ଧାଳୁମାନେ ବେଶ ପସନ୍ଦ କରିଥିଲେ। କୃତ୍ରିମ ଷଣ୍ଢର ଲଢେଇ ଯୋଗୁ ମାଁସଡା ଛକରେ ଦୀର୍ଘ ସମୟ ଧରି ରାସ୍ତା ଜାମ ହୋଇଥିବାବେଳେ ଏହା ଦେଖିବାକୁ ଗ୍ରାମବାସୀଙ୍କ ମଧ୍ୟରେ ବେଶ ଉତ୍ସୁକତା ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ମେଲଣ ଶୋଭାଯାତ୍ରା ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ବିଗ୍ରହ ମେଢ ନିକଟରେ ଓଡିଶୀ ନୃତ୍ୟ ବେଶ ମନଛୁଆଁ ହୋଇଥିଲା। ମେଲଣ ପଡିଆରେ ହଜାରହଜାର ଯାତ୍ରୀଙ୍କ ଭିଡ଼କୁ ଦେଖି ବ୍ୟବସାୟୀମାନେ ଭଲ ଦୁଇ ପଇସା ରୋଜଗାର କରିଥିଲେ। ଶେଷରେ ବଇରିବାଗ, ବେଲପାଳ ଓ ପଣ୍ଡାସାହିର ଗ୍ରାମବାସୀ ପରସ୍ପରକୁ ଅଭିର ରଙ୍ଗ ଲଗାଇ ଅଭିନନ୍ଦନ ଜଣାଇଥିଲେ। ତେବେ ଏହି ମେଲଣ ତିନୋଟି ଗ୍ରାମକୁ ଏକାଠି କରି ରଖିଥିଲାବେଳେ ଗ୍ରାମର ମୁରବୀ ଆଦିକନ୍ଦ ପଣ୍ଡା, ମକର ରଣା, ବିଶ୍ୱରଞ୍ଜନ ରାଉତ, ଯଦୁମଣି ବେହେରା, ରମେଶ ଚନ୍ଦ୍ର ରାଉତ, ଶୈଳେନ୍ଦ୍ର ରାଉତ ପ୍ରମୁଖ ଶୈବପୀଠ ବରୁଣେଶ୍ୱର ପୀଠରେ ଶତାଧିକ ବର୍ଷ ହେବ ପରମ୍ପରାର ସହ ଦୋଳଯାତ୍ରା ଆୟୋଜନ କରାଯାଉଛି ବୋଲି କହିଛନ୍ତି।



ମେଳଣକୁ ଆସିଥିବା ରାଧାକୃଷ୍ଣଙ୍କ ବିମାନ।

# ୬୮ ତୀର୍ଥପଣ୍ଡାଙ୍କ ବାରୁଣୀ ପ୍ରସ୍ତୁତି

**ଯାଜପୁର ଟାଉନ, ୧୩।୩ (ଡିଏନଏ)**

ମହାବାରୁଣୀ ପାଇଁ ଯାଜପୁର ୬୮ ତୀର୍ଥପଣ୍ଡା ସମିତି ପକ୍ଷରୁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ବୈତରଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମିତିର ଉପସଭାନେତ୍ରୀ ପ୍ରତିମା କରଙ୍କ ଅଧକ୍ଷତାରେ ଆସନ୍ତା ୨୧ ତାରିଖ ଶନିବାର ମହାବାରୁଣୀ ଯୋଗ ପଡୁଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ବୈତରଣୀ ନଦୀରେ ସ୍ନାନ, ପିଣ୍ଡଦାନ, ତର୍ପଣ କରିବେ। ଏଥିରେ ଶ୍ରଦ୍ଧାଳୁମାନେ କିପରି ସମସ୍ତ କାର୍ଯ୍ୟ ଶୃଙ୍ଖଳାର ସହ ସମାପନ କରିବେ ଏଥିପାଇଁ ପଣ୍ଡାମାନେ ଦୃଷ୍ଟି ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ବରିଷ୍ଠ ପଣ୍ଡା ବାଇଧର କର, ଅକ୍ଷୟ ମିଶ୍ର, ଗୋପାଳ ଚନ୍ଦ୍ର ପଣ୍ଡା, ମଧୁସୁଦନ ମିଶ୍ର, ସୁଶାନ୍ତ ସନ୍ଧିବିଗ୍ରହ, ଭୀମ ସାମନ୍ତ, ବଳରାମ ପଣ୍ଡା, ବୃନ୍ଦାବନ ସାମଲ, ବିଷ୍ଣୁଚରଣ ସାମନ୍ତ, ନିତ୍ୟାନନ୍ଦ ସାମନ୍ତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ଗୁରୁ-ଶିଷ୍ୟଙ୍କ ସମ୍ପର୍କ ମଜଭୁତ କରେ ଗୁରୁ ପୂଜନ ଉତ୍ସବ



ଗୁରୁପୂଜନ ଉତ୍ସବରେ ଯୋଗ ଦେଇଥିବା ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷକ।

**ରସୁଲପୁର, ୧୩।୩(ଡିଏନଏ)**

ଗୁରୁ-ଶିଷ୍ୟର ମଧୁର ସମ୍ପର୍କ ଡୋରି ମଜବୁତ୍ କରିଥାଏ ଗୁରୁ ପୂଜନ ଉତ୍ସବ। ପୁରାତନ ବିଦ୍ୟାର୍ଥୀଙ୍କ ମିଳନ ଉତ୍ସବ ଜରିଆରେ ଗୁରୁଙ୍କୁ ସମ୍ମାନିତ କରବାର ମାନସିକତା ସ୍ୱତନ୍ତ୍ର। ଏହି ପରମ୍ପରା ସମାଜକୁ ଏକ ସୁସନ୍ଦେଶ ଦେଉଛି। ଏହି ଭଳି କାର୍ଯ୍ୟକ୍ରମ ଆଗକୁ ଜାରି ରହୁ, ଉତ୍ସବ ଅନୁଷ୍ଠାନରେ ପରିଣତବ ହେଉ ବୋଲି ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ସ୍ଥିତ ଦ୍ୱିପାଞ୍ଚଳ ଉଚ୍ଚ ବିଦ୍ୟାଳୟ ୨୦୦୪ ମାଟ୍ରିକ ବ୍ୟାଚର ପକ୍ଷରୁ ଆୟୋଜିତ ଗୁରୁ ପୂଜନ ଉତ୍ସବରେ ମତ ପ୍ରକାଶ ପାଇଛି। ପୁରାତନ ଛାତ୍ର ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ମୋହନ ଚରଣ ମଲ୍ଲିକ ସମ୍ମାନିତ ଅତିଥିଭାବେ ଶିକ୍ଷକ ଅନନ୍ତ ପାତ୍ର, ପ୍ରଦୀପ ସାମଲ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀ ଜୟପ୍ରକାଶ ଖୁଣ୍ଟିଆ, ଦୀପକ ସ୍ୱାଇଁ, କାଦମ୍ବିନୀ ପାଣି, ମନୋରମା ବୋଇତାଇ, ଅନୁପମା ପହି, ବଳରାମ ସାହୁ, ସଙ୍ଘମିତ୍ରା କର, ହରିହର ସାହୁ, ଅନିରୁଦ୍ଧ ମଲ୍ଲିକ, ଶୁଭ୍ରାଂଶୁ ରଥ ସମେତ ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ପୁରୁଣା ଦିନର ସ୍ମୃତିକୁ ବର୍ଣ୍ଣନା କରିବା ସହ ଗୁରୁଜୀମାଣଙ୍କୁ ସମ୍ମାନିତ କରିଥିଲେ । ପୁରାତନ ଛାତ୍ର ସୁଦାମ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରକାଶ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

**ଜେନାପୁର/ ଧର୍ମଶାଳା, ୧୩।୩(ଡିଏନଏ)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରୁ ଶୁକ୍ରବାର ଭୋର ସମୟରେ ଜଣେ ଯୁବତୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଉକ୍ତ ଯୁବତୀ ଜଣକ ହେଲେ ସ୍ଥାନୀୟ ରାଇଛନ୍ଦା ପଞ୍ଚାୟତ କନ୍ତପଡା ଗ୍ରାମର ଚୈତନ୍ୟ ମଲିକଙ୍କ ମଝିଆ ଝିଅ ଗଙ୍ଗା ଓରଫ ଗଙ୍ଗୋତ୍ରୀ (୧୮) ବୋଲି ଜଣାଯାଇଛି। ଜେନାପୁର ଥାନା ଆଇଆଇସି ସୁଶାନ୍ତ କୁମାର ଦାସ ଏଏସ୍‌ଆଇ ମନୋରଞ୍ଜନ ସାମଲ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ଏକ ମାମଲା (ନଂ.୬/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ମେଡିକାଲକୁ ପଠାଇଥିବା ଜଣାଯାଇଛି। ସୂଚନା ଯେ, ଗଙ୍ଗା ଗୁରୁବାର ରାତି ୧୧ଟାରେ ଘରେ କାହାକୁ କିଛି ନ ଜଣାଇ କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକେ କିଛି ସମୟ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଶୁକ୍ରବାର ସକାଳେ କିଛି ଲୋକ ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଫୁଲ ତୋଳୁଥିବାବେଳେ ପୋଖରୀ ହୁଡାରେ ଥିବା ଏକ ଶାଗୁଆନ ଗଛରେ ଗଙ୍ଗା ନିଜ ଓଢ଼ଣୀକୁ ବେକରେ ବାନ୍ଧି ଝୁଲି ରହିଥିବା ଦେଖିବାକୁ ପାଇଥିଲେ। ଏହାପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଗଙ୍ଗାଙ୍କ ଦାଦା ମକରଧ୍ୱଜ ଏନେଇ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬/୨୦) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଅପରପକ୍ଷରେ ଗଙ୍ଗାଙ୍କ ମା ପୁନର୍ବାର ଜେନାପୁର ଥାନାରେ ଏକ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଝିଅ ସହିତ ବଳରାମପୁର ତଳଗଡ଼ ଗ୍ରାମର ଜଣେ ପୁଅ ସହ ପ୍ରେମ ସମ୍ପର୍କ ରଖିଥିଲା। ଏହାକୁ ନେଇ ଗଙ୍ଗାଙ୍କ ଭାଇ ସହ ଉକ୍ତ ଯୁବକଙ୍କର କିଛିଦିନ ପୂର୍ବେ ଝଗଡା ହୋଇଥିଲା। ସେଥିପାଇଁ ତାଙ୍କ ଝିଅକୁ ଗଣବଳାତ୍କାର କରାଯାଇ ହତ୍ୟା କରାଯାଇଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଆଧାର କରି ଜେନାପୁର ପୋଲିସ ଉକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ଶତାୟୁଙ୍କୁ ସମ୍ମାନିତ କଲେ ବିଧାୟିକା

**ରସୁଲପୁର, ୧୩।୩(ଡିଏନଏ)**



ବିଧାୟିକା ଜଣେ ଶତାୟୁଙ୍କୁ ସମ୍ମାନିତ କରୁଛନ୍ତି।

**ମୋ ଗାଁ ହସୁଛି କାର୍ଯ୍ୟକ୍ରମ**

ବରୀ ବିଧାୟିକା ସୁନନ୍ଦା ଦାସ ମୋ ଗାଁ ହସୁଛି ଭଳି ଏକ ନିଆରା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ପରିବାରର ବୁଦ୍ଧାବୃଦ୍ଧ ଓ ଶିଶୁମାନେ ଖୁସିରେ ରହିଲେ ପରିବାରର ସମୃଦ୍ଧ ହୋଇପାରିବ। ଏହି ବିଶ୍ୱାସରୁ ମୋ ଗାଁ ହସୁଛି ଭଳି କାର୍ଯ୍ୟକ୍ରମର ସୂତ୍ରପାତ କରିଛନ୍ତି ବିଧାୟିକା। ଏହି କାର୍ଯ୍ୟକ୍ରମ ଜନସାଧାରଣଙ୍କ ସହ ସମ୍ପର୍କ ଯୋଡିବାର ଏକ ମାଧ୍ୟମ ସାଜିଛି ବୋଲି ବିଧାୟିକା ଦାସ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ପରିବାରରେ ଅବହେଳିତ ଅବସ୍ଥାରେ ଥିବା ବରିଷ୍ଠଙ୍କ ସମସ୍ୟା ସମ୍ପର୍କରେ ବୁଝିବାର ସୁଯୋଗ ସୃଷ୍ଟି ହେବ। ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା ପହଞ୍ଚି ପାରୁଛି କି ନା ସେ ଦିଗରେ ତଥ୍ୟ ଯୋଗାଡ କରିବା ସହଜ ହେବ ଆଦି ବହୁବିଧ ଲକ୍ଷ୍ୟ ନେଇ ବିଧାୟିକା ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ସମଗ୍ର ବରୀ ନିର୍ବାଚନମଣ୍ଡଳୀର ୪୭ଟି ପଞ୍ଚାୟତ ବୁଲି ଶତାୟୁଙ୍କୁ ସମ୍ବର୍ଦ୍ଧିତ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିକ୍ରମରେ ରସୁଲପୁର ବ୍ଲକରୁ ଏହି ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ୧୦ଟି ପଞ୍ଚାୟତରୁ ରାଉତରାପୁର ଓ ରାଜେନ୍ଦ୍ରପୁର ପଞ୍ଚାୟତରେ ବିଧାୟିକା ଦାସ, ବରୀ ବିଜେଡି ମାର୍ଗଦର୍ଶକ ଦେବେନ୍ଦ୍ର ଦାସ, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ ପ୍ରମୁଖ ଶତାଧିକ ପରିବାର ଶତାୟୁ ବ୍ୟକ୍ତିଙ୍କୁ ଭେଟି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ବିଧାୟିକାଙ୍କୁ ନିକଟରେ ପାଇ ଶତାୟୁମାନେ ଆନନ୍ଦିତ ହେବା ସହ ତାଙ୍କ ସଫଳ ରାଜନୈତିକ ଭବିଷ୍ୟତ କାମନା ପୂର୍ବକ ଆଶୀର୍ବାଦ ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା। ଅବହେଳିତ ଅବସ୍ଥାରେ ଥିବା ବରିଷ୍ଠଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଅପହଞ୍ଚ ସରକାରୀ ସୁବିଧା ସୁଯୋଗର ତୁରନ୍ତ ବ୍ୟବସ୍ଥା କରିବାକୁ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏ ଦିଗରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ମଧ୍ୟ କରିଥିଲେ ବୋଲି ଜଣାଯାଇଛି। ବିଧାୟିକାଙ୍କ ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ରାସ୍ତା ଉନ୍ନତୀକରଣରେ ଅନିୟମିତତା ଅଭିଯୋଗ

**ଚଣ୍ଡିଖୋଲ, ୧୩।୩(ଡିଏନଏ)**

**୫ନଂ (କ)ରୁ ଭରତପୁର ପର୍ଯ୍ୟନ୍ତ ରାସ୍ତା**
- ମଞ୍ଜୁର ହୋଇଛି ୧କୋଟି ୬୫ଲକ୍ଷ ୭୭ହଜାର ଟଙ୍କା
- ତଦନ୍ତ ଦାବି କଲେ ଗ୍ରାମବାସୀ

ଯାଜପୁର ଜିଲା ଜାରକା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଚଣ୍ଡିଖୋଲ ସବଡିଭିଜନ ଅଧୀନରେ ରହିଛି। ଜାତୀୟ ରାଜପଥ ୫ନଂ (କ)ରୁ ଭରତପୁର ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ଏହାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନାରେ ଗତ ଜୁଲାଇ ୧ରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଉନ୍ନତୀକରଣ ପାଇଁ ୧କୋଟି ୬୫ଲକ୍ଷ ୭୭ହଜାର ଟଙ୍କା ମଞ୍ଜୁର ହୋଇଥିବାବେଳେ ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା କାର୍ଯ୍ୟ ଶେଷ ହେବାକୁ ସମୟ ନିର୍ଘଣ୍ଟ କରାଯାଇଛି। ତେବେ ୪କିମି ୫୨୧ମିଟର ବିଶିଷ୍ଟ ଏହି ରାସ୍ତାକୁ ଗତ ନଭେମ୍ବର ୨୯ରେ ଶିଳାନ୍ୟାସ କରାଯାଇଥିଲା। ସମ୍ପୃକ୍ତ ରାସ୍ତାର ଉନ୍ନତୀକରଣ ପାଇଁ ସାଇକ୍ରିଷ୍ଣା କନ୍‌ଷ୍ଟ୍ରକସନକୁ କାମ ଦିଆଯାଇଥିବାବେଳେ ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ରାସ୍ତାରେ କରାଯାଉଥିବା ପିଚୁ କାମ ଅତି ନିମ୍ନମାନର ହେଉଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଠିକାଦାର କାର୍ଯ୍ୟ କରୁଥିବାବେଳେ ବିଭାଗୀୟ ଅଧିକାରୀମାନେ ସେଠାରେ ଉପସ୍ଥିତ ରହୁ ନ ଥିବାରୁ ନିମ୍ନମାନର କାର୍ଯ୍ୟ ହେଉଥିବା ଲୋକେ ପ୍ରକାଶ କରିଛନ୍ତି। ସୂଚନା ଥାଉକି, ଏହି ଗ୍ରାମ୍ୟ ସଡ଼କ ଯୋଜନାର ୪.୪୪୦ କି.ମି. ରାସ୍ତା ପିଚୁ ହେବାକୁ ଥିବାବେଳେ ୭୨ମି. ରାସ୍ତାକୁ କଂକ୍ରିଟ ଢଳେଇ କରାଯିବ ବୋଲି ନିୟମ ରହିଛି। ରାସ୍ତାର କେତେକ ସ୍ଥାନରେ ୧୦ଟି ବକ୍ସ କଲଭର୍ଟ କରାଯିବାକୁ ବିଭାଗ ତରଫରୁ ସୂଚନା ଦିଆଯାଇଥିବାବେଳେ ଏ ପର୍ଯ୍ୟନ୍ତ ଏହାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ପିଚୁ କାମ ସହ ରାସ୍ତାର ପ୍ରଶସ୍ତୀକରଣ ପାଇଁ ମାଟି କାମ ଓ ମେଟାଲିଂ କରାଯିବାର ନିୟମ ରହିଥିବା ବେଳେ ଠିକାଦାର ଏହାକୁ ଅଣଦେଖା କରି ପିଚୁକାମ କରୁଥିବା ଅଭିଯୋଗ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ସମ୍ପୃକ୍ତ ରାସ୍ତା କାମ ପାଇଁ ଦିଆଯାଇଥିବା ନିର୍ଦ୍ଦେଶନାମାକୁ ଠିକାଦାର ଉଲ୍ଲଂଘନ କରୁଥିବା ଦେଖାଯାଇଛି। ଯାଜପୁର ଓ କେନ୍ଦ୍ରାପଡ଼ା ଜିଲା ସୀମାନ୍ତରେ ରହିଥିବା ଏହା ଏକ ପୁରୁଣା ରାସ୍ତା। ଏହି ରାସ୍ତା ଉପରେ ଭରତପୁର, ପଣସୁଧା, ଡେରାଡିହ, ଅରାଖଣ୍ଡ, ସଦାନନ୍ଦପୁର ଆଦି ୧୦ଟି ଗ୍ରାମର ଅଧିବାସୀ ନିର୍ଭର କରିଥାନ୍ତି। ଗମନାଗମନର ସୀମାନ୍ତ ଜିଲାରେ ଏହା ମୁଖ୍ୟ ରାସ୍ତା ହୋଇଥିବାବେଳେ ନିର୍ମାଣ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଏହା ଉପରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ପଚାରିବାରେ, ରାସ୍ତା କାମ ଶେଷ ହୋଇନାହିଁ। ବେଳେବେଳେ ତଦାରଖ କରାଯାଉଛି। ଯଦି ଠିକାଦାର କୌଣସି ସ୍ଥାନରେ ତ୍ରୁଟି କରନ୍ତି, ପୁନର୍ବାର ନିର୍ମାଣ କରିବାକୁ ସଙ୍କେତ ଦିଆଯାଇଛି ବୋଲି କହିଛନ୍ତି।



୫ନଂ(କ) ଜାତୀୟ ରାଜପଥ ଠାରୁ ଭରତପୁର ରାସ୍ତା।

## ସଂକ୍ଷେପରେ

### କାର୍ଯ୍ୟରେ ଯୋଗ ଦେଲେ ନୂତନ ଏସପି



**ନୟାଗଡ ଅଫିସ,୧୩।୩:** ନୟାଗଡ ପୋଲିସ ଜିଲାରେ ଏସପି ଭାବେ ଆଇପିଏସ୍ ଅଫିସର ପ୍ରତ୍ୟୁଷ ଦିବାକର ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏଠାରେ ଥିବା ଏସପି ଶଶିଭୂଷଣ ଶତପଥୀ ଜାନୁଆରୀ ମାସରେ ଅବସର ନେବା ପରେ ପଦବୀ ଖାଲି ପଡିଥିଲା । ଅତିରିକ୍ତ ଏସପି ଦିଲୀପ କୁମାର ସାହାଣୀ ଭାରପ୍ରାପ୍ତ ଏସପି ଭାବେ କାର୍ଯ୍ୟ କରୁଥିଲେ । ପ୍ରକାଶଥାଉକି, ପ୍ରତ୍ୟୁଷ ଦିବାକର ରାଜ୍ୟପାଳଙ୍କର ଏଡିସି ଭାବେ କାର୍ଯ୍ୟ କରୁଥିଲେ ।

### ଓଡଗାଁ ଶ୍ରୀରାମନବମୀ ଯାତ୍ରା ପ୍ରସ୍ତୁତି ବୈଠକ

**ଓଡ଼ଗାଁ,୧୩।୩(ସ୍ୱ.ପ୍ର.):**ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ୧୨ ଦିନବ୍ୟାପୀ ଶ୍ରୀରାମ ନବମୀ ଯାତ୍ରା ନିମନ୍ତେ ମନ୍ଦିର ପ୍ରଶାସନ ତରଫରୁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ସମ୍ମିଳନୀ ଗୃହରେ ଆୟୋଜିତ ବୈଠକରେ ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତ ଅଧ୍ୟକ୍ଷତା କରିଥିଲେ । ତହସିଲଦାର ବିଜୟିତା ସାମନ୍ତସିଂହାର, ମେଡିକାଲ ଅଫିସର ଡ.ବଳରାମ ପ୍ରଧାନ, ଜିଲାସୂଚନା ଓ ପ୍ରସାରଣ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ଜିଲାପରିଷଦ ସଦସ୍ୟ ଲୋକନାଥ ସାହୁ, ବିଭୁପ୍ରସାଦ ସାହୁ ମଞ୍ଚାସୀନ ଥିଲେ । ଏହା ସହିତ ଶ୍ରୀରଘୁନାଥ ପୂଜକ ପରିଷଦ ସଭାପତି ପ୍ରଫୁଲ କୁମାର ମହାପାତ୍ର, ସମ୍ପାଦକ ସୁବେଦାର ବିଜୟ କୁମାର ଦାଶ, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡଙ୍ଗୀଙ୍କ ସମେତ ଅନ୍ୟ ପୂଜକ ଓ ସୁଆର ପରିଷଦ କର୍ମକର୍ତ୍ତା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟତଃ ଶ୍ରୀରାମନବମୀ ଯାତ୍ରାରେ ସମୁଦାୟ ଆୟ ବ୍ୟୟ ବିବରଣୀ ସାଧାରଣରେ ପ୍ରକାଶ କରିବାକୁ ପୂଜକ ପରିଷଦ କର୍ମକର୍ତ୍ତା ଦାବି କରିଥିଲେ । ଯାତ୍ରା ଶେଷରେ ଏହାକୁ ସାଧାରଣରେ ପ୍ରଦାନ କରିବାକୁ ଉପଜିଲାପାଳ ଦେବୋତ୍ତର ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଯାତ୍ରା ସମୟରେ ପାନୀୟ ଜଳ ଯୋଗାଣ, ଅଗ୍ନିନିର୍ବାପକ, ପରିମଳ, ବିଦ୍ୟୁତ୍ ଯୋଗାଣ, ଶାନ୍ତି ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦିଆଯିବାକୁ ଆଲୋଚନା ହୋଇଥିଲା। ଏପ୍ରିଲ ୨ ଶ୍ରୀରାମ ନବମୀରେ ସାଧାରଣ ଜନ୍ମ ନାରାୟଣ ବେଶ, ୩ ରେ ତାଡକା ବଧ, ୪ରେ ଅହଲ୍ୟା ଉଦ୍ଧାର, ୫ରେ ଗଙ୍ଗାପାର, ୬ରେ ଧନୁ ଭଗ୍ନ ଓ ସୀତା ବିବାହ, ୭ରେ ବନବାସ, ୮ରେ ଚିତ୍ରକୂଟ, ୯ରେ ଗୁରୁବାର ହେତୁ ସାଧାରଣ ବେଶ, ୧୦ରେ ଅଷ୍ଟାବଧାନ, ୧୧ରେ ଯୁଦ୍ଧାଯାତ୍ରା, ୧୨ରେ ଅଭିଷେକ ଓ ୧୩ରେ ପାଣି ଖେଳ ହେଉଥିବା ମନ୍ଦିର ପ୍ରଶାସନ ତରଫରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାଯାଇଛି ।

# ସୁଧୁରୁନି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

## ୨୬୨ ସ୍ଥାନରେ ୯୧ ଡାକ୍ତର

**ନୟାଗଡ ଅଫିସ,୧୩।୩**

ନୟାଗଡ ଜିଲାରେ ସୁଧୁରୁନି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା । କେଉଁଠି ଡାକ୍ତର ଥାଇ ସେବା ମିଳୁନି ତ ଆଉ କେଉଁଠି ଡାକ୍ତର ନ ଥିବାରୁ ରୋଗୀ ହଟହଟା ହେଉଛନ୍ତି। ପୁଣି ଆଉ କେଉଁଠି ହାତଗୁଞ୍ଜା ନ ଦେଲେ ରୋଗୀଙ୍କୁ ଗୁରୁତର ଦର୍ଶାଇ ଭୁବନେଶ୍ୱର, କଟକ ରେଫର କରି ଦିଆଯାଉଛି । ସ୍ୱାସ୍ଥ୍ୟସେବାର ଏଭଳି ରୂପ ଜିଲାର ଅଧିକାଂଶ ଡାକ୍ତରଖାନାରେ ଦେଖିବାକୁ ମିଳୁଛି । ଯାହାଦ୍ୱାରା ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ରହିଛି। ଏଭଳି ଅବ୍ୟବସ୍ଥା ବହୁବର୍ଷ ଧରି ଲାଗି ରହିଛି । ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ସରକାର ବହୁ ପଦକ୍ଷେପ ନେଉଥିଲେ ହେଁ ତା'ର ସୁଫଳ ରୋଗୀଙ୍କ ପାଖରେ ପହଞ୍ଚୁ ନାହିଁ ।

ଅନ୍ୟପକ୍ଷେ ଜିଲାରେ ୩୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୧୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୧ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଚାନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ର ଏପରି ୫୧ ସ୍ୱାସ୍ଥ୍ୟକେନ୍ଦ୍ର ଅଛି। ଜିଲାର ଏହି ୫୧ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୨୬୨ ଡାକ୍ତର ପଦବୀ ରହିଛି । ହେଲେ ୯୧ ଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି । ଆବଶ୍ୟକତାଠାରୁ ଅଧା ଡାକ୍ତର ବି ଜିଲାରେ ନାହାନ୍ତି।

### ନିଯୁକ୍ତି ୨୭, ଯୋଗ ଦେଲେଣି ୧୫

ନୟାଗଡ ଜିଲା ପାଇଁ ରାଜ୍ୟ ସରକାର ୩୧ ଡାକ୍ତର ପୋଷ୍ଟିଂ କରିଛନ୍ତି । ହେଲେ ରଣପୁର, ମଝିଆଖଣ୍ଡ, ଗଣିଆ, ଛାମୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ୪ଆଡହକ ଡାକ୍ତର ନିୟମିତ ହେବା ପରେ ୨୭ ଡାକ୍ତର ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେବେ । ତେବେ ଏଥିରୁ ଗୋଡିପଡା, ଡିମିଶର, ମଗରବନ୍ଧ, ସୁନାମୁହିଁ, କଣ୍ଟିଲୋ, ବନମାଳିପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଲେଖାଏଁ ଏପରି ୬ଜଣ ଏବଂ ଗଡିଆସାହି, ଭାପୁର ଓ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଜଣ ଲେଖାଏ ୬ ଡାକ୍ତର ଏପରି ମୋଟରେ ୧୨ ଡାକ୍ତର କାର୍ଯ୍ୟରେ ଯୋଗଦେଇ ସାରିଲେଣି । ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୩ଜଣ ଡାକ୍ତର କାର୍ଯ୍ୟରେ ଯୋଗଦେବା ପରେ ସଂଖ୍ୟା ୧୫ରେ ପହଞ୍ଚିଛି । ଆଉ ୧୨ ଡାକ୍ତର କାର୍ଯ୍ୟରେ ଯୋଗ ଦେବେ। ଏବେ ପୁଣି କାଉନସେଲିଂ ଚାଲିଛି, ଆଉ କିଛି ଡାକ୍ତର ନୟାଗଡ ଜିଲା ପାଇଁ ନିଯୁକ୍ତି ହେବାର ରହିଛି । ଯଦି ଜିଲାରେ ୨୭ ଡାକ୍ତର କାର୍ଯ୍ୟରେ ଯୋଗ ଦିଅନ୍ତି ତେବେ ଡାକ୍ତରଙ୍କ ସଂଖ୍ୟା ୧୧୮ହେବ।

### ବେସରକାରୀ ହସ୍ପିଟାଲରେ କେବଳ ପ୍ରସୂତି

ଜିଲାରେ ୧୩ଟି ବେସରକାରୀ ହସ୍ପିଟାଲ ରହିଛି । ତେବେ ଏହି ହସ୍ପିଟାଲଗୁଡିକରେ କେବଳ ମହିଳାଙ୍କ ପ୍ରସବ କରାଯାଉଥିବାର ଅଭିଯୋଗ ହେଉଛି। କାରଣ ଏଥିରେ ଭଲ ରୋଜଗାର ଥିବାରୁ ଏଥିପ୍ରତି ଗୁରୁତ୍ୱ ଦିଆଯାଉଛି । ଅନ୍ୟ ରୋଗର ଚିକିତ୍ସା ବେସରକାରୀ ହସ୍ପିଟାଲରେ ହେଉ ନ ଥିବାର କୁହାଯାଉଛି । ଏଣୁ ଅନ୍ୟ ରୋଗୀମାନଙ୍କର ସାହା ଭରସା ସରକାରୀ ମେଡିକାଲ । ତେବେ ସରକାରୀ ମେଡିକାଲରେ ସେବା ନ ମିଳିବାରୁ ନୟାଗଡ ଜିଲାର ରୋଗୀମାନେ ଖର୍ଚ୍ଚାନ୍ତ ହୋଇ କଟକ, ଭୁବନେଶ୍ୱର ଯିବାକୁ ବାଧ୍ୟ ହେଉଛନ୍ତି । ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶ୍ୱେତ ମହାପାତ୍ର କୁହନ୍ତି, ଜିଲାରେ ୨୭ ଡାକ୍ତର ନିଯୁକ୍ତି ପରେ ସ୍ୱାସ୍ଥ୍ୟସେବାର ଉନ୍ନତି ଆସିବ । ଡାକ୍ତରମାନେ କାର୍ଯ୍ୟରେ ଯୋଗ ଦେବାର ୧୫ ଦିନ ସମୟ ଅଛି । ୧୯ ତାରିଖ ଶେଷ ଦିନ ରହିଛି । ପୁଣି କାଉନସେଲିଂ ଚାଲିଛି । ଆଉ କିଛି ଡାକ୍ତର କାର୍ଯ୍ୟରେ ନିଯୁକ୍ତି ହେବାର ରହିଛି।

# ମୃତ ଗାଡ଼ଭାଲୁ ଉଦ୍ଧାର

**ରଣପୁର,୧୩।୩(ସ୍ୱ.ପ୍ର.)**



ଟାଙ୍ଗୀ ବନବିଭାଗ ଅନ୍ତର୍ଗତ ନୟାଗଡ ଜିଲା କନ୍ଧନୂଆଗଡ ଶ୍ମଶାନ ନିକଟରୁ ଶୁକ୍ରବାର ପୂର୍ବାହ୍ନରେ ଏକ ଗାଡଭାଲୁର ମୃତଦେହ ଉଦ୍ଧାର କରାଯାଇଛି। ପରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ବନବିଭାଗ ପକ୍ଷରୁ ପୋତି ଦିଆଯାଇଛି। ପ୍ରାଥମିକ ତଦନ୍ତରୁ କେହି ଗାଡଭାଲୁକୁ ଠେଙ୍ଗାରେ ପିଟି ମାରି ଦେଇଥିବାର ଜଣାପଡିଛି। ପ୍ରକାଶଥାଉ କି, ଖାଦ୍ୟ ଓ ଜଳ ଅଭାବରୁ ବନ୍ୟପ୍ରାଣୀମାନେ ଗାଁକୁ ଚାଲି ଆସୁଛନ୍ତି । ତେବେ ବିଭିନ୍ନ ସମୟରେ ବନ୍ୟପ୍ରାଣୀମାନଙ୍କୁ କିଛି ଲୋକ ମାରି ଦେଉଥିବାର ଅଭିଯୋଗ ହେଉଛି।

# ୭୯ ବୋତଲ ମଦ ଜବତ: ଜଣଙ୍କୁ ଜେଲ



ଗିରଫ ଅଭିଯୁକ୍ତ ଓ ଜବତ ମଦ।

**ରଣପୁର,୧୩।୩(ସ୍ୱ.ପ୍ର.)**

ରଣପୁର ଅବକାରୀ ବିଭାଗର କର୍ମଚାରୀମାନେ ରାଜ ଜଙ୍କିଆରୁ ୭୯ ବୋତଲ ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ତେବେ ଜାମିନ ନାମଞ୍ଜୁର ହେବାରୁ ରାଜଜଙ୍କିଆର କେଶବ ବେହେରା (୩୩)ଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ପ୍ରାପ୍ତ ସୂଚନା ଅନୁସାରେ, ରାଜଜଙ୍କିଆର କେଶବ ୭୯ ବୋତଲ ମଦ ଧରି ଚାନ୍ଦପୁରକୁ ଚାଲି ଚାଲି ଯାଉଥିଲେ । ଶୁକ୍ରବାର ପୂର୍ବାହ୍ନରେ ରଣପୁର ଅବକାରୀ ଅଧିକାରୀ କୁମର ଚନ୍ଦ୍ର ପଟ୍ଟନାୟକଙ୍କ ସମେତ କର୍ମଚାରୀମାନେ କେଶବଙ୍କୁ ଗିରଫ କରି ମଦ ଜବତ କରିଥିଲେ।

# ପାନୀୟ ଜଳ ସମସ୍ୟାର ସମାଧାନକୁ ଗୁରୁତ୍ୱ




ବୈଠକରେ ଜିଲାପାଳ ଓ ବିଭାଗୀୟ ଅଧିକାରୀମାନେ।

**ନୟାଗଡ ଅଫିସ,୧୩।୩**

### ଜିଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ବୈଠକ

ଗ୍ରୀଷ୍ମ ପ୍ରବାହ ଓ ତାର ପ୍ରତିକାର ପାଇଁ ଜିଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ବୈଠକ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପୋମା ଟୁଡୁ ଏଥିରେ ଅଧକ୍ଷତା କରିଥିଲେ । ଜନସମାଗମ ସ୍ଥାନମାନଙ୍କରେ ପାନୀୟଜଳ ବ୍ୟବସ୍ଥା କରାଇବା ପାଇଁ ବିଭିନ୍ନ ବ୍ଲକର ବିଡିଓ ଓ ସହରାଞ୍ଚଳର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ସମସ୍ତ ନଳକୂପ ଗୁଡିକୁ ସଚଳ ରଖିବା ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣକୁ ପରାମର୍ଶ ଦିଆଯାଇଥିଲା । ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଥିବା ନଳକୂପ ଗୁଡ଼ିକୁ ମଧ ସଚଳ ରଖିବା ପାଇଁ କହିଥିଲେ । ଖରାପ ହୋଇଯାଇଥିବା ନଳକୂପ ଗୁଡ଼ିକ ତୁରନ୍ତ ମରାମତି କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଚାୟତ ଓ ସହରାଞ୍ଚଳରେ ଜଳଛତ୍ରର ବ୍ୟବସ୍ଥା କରାଯିବ। ଆବଶ୍ୟକୀୟ ଔଷଧପତ୍ର ଓ ଅଂଶୁଘାତର ପ୍ରଶମନ ପାଇଁ ଏବଂ ସମସ୍ତ ଡାକ୍ତରଖାନା ଓ ଏଏନଏମ କେନ୍ଦ୍ରରେ ଓଆରଏସ୍ ପାଉଡରର ବ୍ୟବସ୍ଥା କରାଇବା ପାଇଁ ସିଡିଏମଓଙ୍କୁ ପରାମର୍ଶ ଦେଇଥିଲେ । ଅଙ୍ଗନଓାଡ଼ି କେନ୍ଦ୍ରଗୁଡ଼ିକ ସକାଳ ସାଢ଼େ ୬ରେ ଖୋଲି ପୂର୍ବାହ୍ନ ୧୦ଟାରେ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ବ୍ୟକ୍ତି ଅଂଶୁଘାତରେ ପ୍ରାଣ ହରାଇଲେ ସଂପୃକ୍ତ ଅଞ୍ଚଳର ବିଡିଓ, ତହସିଲଦାର ଓ ଡାକ୍ତର ମିଳିତ ଭାବରେ ତଦନ୍ତ କରି ୨୪ ଘଣ୍ଟା ମଧରେ ଜିଲା କାର୍ଯ୍ୟାଳୟକୁ ଜଣାଇବେ । ସେହିପରି ପୂର୍ବାହ୍ନ ସାଢ଼େ ୧୧ଟାରୁ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ଶ୍ରମିକମାନେ କାମ ନ କରିବାକୁ ସଚେତନ କରାଇବେ । ଜିଲା ଶ୍ରମ ଅଧିକାରୀ, ବିଡିଓ ଓ ନିର୍ବାହୀ ଅଧିକାରୀ ଏଥିପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବେ । ଗ୍ରୀଷ୍ମ ପ୍ରବାହ ସମୟରେ ଯାତ୍ରୀବାହୀ ବସଗୁଡ଼ିକ ଆବଶ୍ୟକ ପାଣି ଓ ପ୍ରାଥମିକ ଚିକିତ୍ସାର ସୁବ୍ୟବସ୍ଥା କରାଇବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଅଞ୍ଚଳରେ ଜୀବଜନ୍ତୁମାନଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଇବା ପାଇଁ ବନବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । କରୋନା ଭାଇରସକୁ ରୋକିବା ପାଇଁ ସିଡିଏମଓଙ୍କ ପରାମର୍ଶକ୍ରମେ ସମସ୍ତ ବିଡିଓ ଓ ସିଡିପିଓଙ୍କୁ ସଚେତନତା ଲିଫ୍‌ଲେଟ୍ ପ୍ରଦାନ କରାଯାଇଥିଲା । ବୈଠକରେ ଜିଲା ପରିଷଦର ଅଧକ୍ଷା ବୈଜୟନ୍ତୀମାଳା ମହାନ୍ତି, ଡିଏଫଓ ଏଚ୍.ଡି.ଧନରାଜ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର,ଜିଲା ଜରୁରୀ କାଳୀନ ଅଧିକାରୀ ଧୋବା ନାୟକ, ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ତହସିଲଦାର, ନିର୍ବାହୀ ଅଧିକାରୀ, ସିଡିପିଓ, ପୋଲିସ ଅଧିକାରୀ,ଜିଲାସ୍ତରୀୟ ଅଧିକାରୀ ଏବଂ ଲାଇନ ବିଭାଗର ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ।

# ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

**ଓଡ଼ଗାଁ,୧୩।୩(ସ୍ୱ.ପ୍ର.)**

ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରୁ ନାବାଳିକାଙ୍କୁ ଅପହରଣ ମାମଲାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ହେଲେ ଏହି ଥାନା ଅନ୍ତର୍ଗତ ଭାଲିଆଡିହି ଗ୍ରାମର ବିପିନ୍ କୁମାର ନାୟକ (୨୩)। ପୋଲିସସୂଚନା ଅନୁସାରେ, ବିପିନ୍ ମାଟ୍ରିକ୍ ପରୀକ୍ଷା ଦେଇଥିବା ଜଣେ ନାବାଳିକାଙ୍କୁ ୬ ତାରିଖରେ କୌଶଳକ୍ରମେ ଘର ପାଖରୁ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ୭ ତାରିଖରେ ୫୬।୨୦୨୦ରେ ଏକ ମକଦ୍ଦମା ରୁଜୁ କରିବା ସହିତ ମାମଲାର ତଦନ୍ତ କରୁଥିଲା। ଏପରିସ୍ଥଳେ ବିପିନ୍ ଶୁକ୍ରବାର ଭୋର ସମୟରେ ନାବାଳିକାଙ୍କୁ ଭୁବନେଶ୍ୱରରୁ ରେଳ ଯୋଗେ ଅନ୍ୟତ୍ର ନେଇ ଚାଲିଯିବାକୁ ଉଦ୍ୟମ କରୁଥିଲେ । ସ୍ଥାନୀୟ ଥାନା ଏସଆଇ ତଥା ତଦନ୍ତ ଅଧିକାରୀ ସଞ୍ଜୟ କୁମାର ପରିଡା ରେଳ ଷ୍ଟେଶନରୁ ବିପିନ୍ ସହିତ ନାବାଳିକାଙ୍କୁ ଉଦ୍ଧାର କରିଥିଲେ । ନାବାଳିକାଙ୍କ ଡାକ୍ତରୀ ପରୀକ୍ଷା କରାଯାଇ ୧୬୪ ଧାରା ଅନୁସାରେ ମାଜିଷ୍ଟ୍ରେଟଙ୍କ ନିକଟରେ ବୟାନ ରେକର୍ଡ କରାଯାଇ ମା ବାପାଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷେ ସଂପୃକ୍ତ ଅଭିଯୁକ୍ତ ବିପିନଙ୍କ ଡାକ୍ତରୀ ପରୀକ୍ଷା କରିବା ପରେ ଗିରଫ କରାଯାଇଛି। ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତ ଅଧିକାରୀ ପରିଡା ସୂଚନା ଦେଇଛନ୍ତି।

# ତାଲା ଭାଙ୍ଗି ଘରୁ ୭ ଲକ୍ଷ ଟଙ୍କାର ଅଳଙ୍କାର ଲୁଟ୍



ଲୁଟ୍ ପରେ ଏଣେତେଣେ ପଡ଼ିଥିବା ଆସବାବପତ୍ର।

**ରଣପୁର,୧୩।୩(ସ୍ୱ.ପ୍ର.)**

ଚାନ୍ଦପୁର ଥାନା କନ୍ଧନୟାଗଡ ଗାଁର ଭାଗୀରଥି ସାହୁଙ୍କ ଘର ଗ୍ରିଲ୍ ତାଲା ଭାଙ୍ଗି ଗୁରୁବାର ସନ୍ଧ୍ୟାରେ ଦୁର୍ବୃତ୍ତମାନେ ଆଲମାରୀରୁ ପ୍ରାୟ ୭ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରାଇ ନେଇଛନ୍ତି। ସେହିପରି ଅନ୍ୟ କିଛି ଘରୋଇ ଉପକରଣ ମଧ ଚୋରି ହୋଇଛି । ସ୍ତ୍ରୀଙ୍କ ଦେହ ଖରାପ ଥିବାରୁ ଭାଗୀରଥି ଘରେ ତାଲା ପକାଇ ଭୁବନେଶ୍ୱର ଡାକ୍ତରଖାନାକୁ ଯାଇଥିଲେ । ତେବେ ରାତିରେ ଫେରି ଘର ଭଙ୍ଗାରୁଜା ହେବା ସହ ଗୃହ ଉପକରଣ ଏଣେତେଣେ ପଡିଥିବା ଦେଖିବାକୁ ପାଇଥିଲେ । ଘରୁ ସୁନା ଅଳଙ୍କାର ଚୋରି ହୋଇଥିବା ମଧ୍ୟ ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି ।

# ନିଲମ୍ବିତ ହେଲେ ପାଣ୍ଡେରୀପଡା ସମ୍ପାଦକ

**ନୟାଗଡ ଅଫିସ/ଓଡଗାଁ,୧୩।୩(ସ୍ୱ.ପ୍ର.)–** ଶୁକ୍ରବାର ଓଡଗାଁ ବ୍ଲକ ପାଣ୍ଡେରୀପଡା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ପ୍ରଫୁଲ ସ୍ୱାଇଁ ନିଲମ୍ବିତ ହୋଇଛନ୍ତି । ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲୋକନାଥ ସାହୁଙ୍କ ଅନୁମୋଦନ କ୍ରମେ ସମ୍ପାଦକ ସୁଶାନ୍ତ କୁମାର ଖମାରୀ ତାଙ୍କୁ ନିଲମ୍ବନ କରିଛନ୍ତି । ପ୍ରକାଶଥାଉକି, ଜଙ୍ଗଲ, ପାହାଡ, ଆମ୍ବ ବଗାୟତ, ଦେବାଦେବୀଙ୍କ ଜମି, କାଜୁ ଜଙ୍ଗଲରେ ପାଣ୍ଡେରୀପଡା ସମିତିର ସମ୍ପାଦକ ଜାଲ କାଗଜାତ ମାଧ୍ୟମରେ ଧାନ ଫଳାଇ ଚର୍ଚ୍ଚାକୁ ଆସିଥିଲେ । ସେ ହଜାର ହଜାର କୁଇଣ୍ଟାଲ ଧାନ ବିକି ଲାଭବାନ ହୋଇଥିଲେ । ଅନ୍ୟପକ୍ଷେ ଅଙ୍ଗନୱାଡି କର୍ମୀ, ସରକାରୀ ଚାକରିଆ, ଚାଷୀଙ୍କ ନାଁରେ ଅନୁରୂପ ଭାବେ ଧାନ ବିକ୍ରି କରି ଫସିଥିଲେ । ଏନେଇ କେବଳ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ।

# ବଳଦିଆ ନୂଆଗାଁ ଗ୍ରାମରେ କରୋନା ସଚେତନତା ପାଇଁ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ

**ଭାପୁର,୧୩।୩(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ବଳଦିଆ ନୂଆଗାଁ ଗ୍ରାମରେ ଜନୈକ ଯୁବକଙ୍କୁ କରୋନା ସନ୍ଦେହ ପରେ ନୟାଗଡ଼ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଉଠିଛି। ଏହି ରୋଗ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଡାକ୍ତର ପୁଷ୍ପାଞ୍ଜଳି ଲାକ୍ରା, ଡାକ୍ତର ଅନ୍ନଦାପ୍ରସାଦ ତ୍ରିପାଠୀ, ସୁପର ଭାଇଜର ନାରାୟଣ ଶୁକ୍ଳା, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଗାଁରେ ବୁଲି ଲୋକମାନଙ୍କୁ ଏହି ରୋଗ ରୋକିବାରେ କିପରି ସତର୍କତା ଅବଲମ୍ବନ କରିବେ ସେ ନେଇ ଜନସଚେତନତା ସୃଷ୍ଟି କରିଥିଲେ । ଏହି ଉଚ୍ଚସ୍ତରୀୟ ଡାକ୍ତରୀ ଦଳ ଗାଁରେ ପହଞ୍ଚି ମହିଳା, ପୁରୁଷ, ଯୁବକଙ୍କୁ ସଚେତନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବଳଦିଆନୂଆଗାଁ ଗ୍ରାମର ଜଣେ ଯୁବକ ତାମିଲନାଡୁରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ସମୟରେ ଏହି ରୋଗରେ ଆକ୍ରାନ୍ତ ହୋଇଥିବାର ସନ୍ଦେହ କରି ଗାଁକୁ ଚାଲିଆସିଥିଲେ। ତାଙ୍କୁ ପ୍ରଥମେ ନୟାଗଡ଼ ଓ ପରେ ଭୁବନେଶ୍ୱରରେ ଚିକିତ୍ସା କରାଯାଉଛି ଓ ତାଙ୍କର ରକ୍ତ ନମୂନା ପରୀକ୍ଷା ପାଇଁ ପଠାଯାଇଥିଲା। ତେବେ ତାଙ୍କ ରକ୍ତରେ କରୋନା ଭୂତାଣୁ ନ ଥିବା ସବିଶେଷ ଖବରରୁ ଜଣାପଡିଛି।



ଡାକ୍ତରୀ ଟିମ୍ ସଚେତନତା ସୃଷ୍ଟି କରୁଛନ୍ତି।

# ମାଟିରେ ମିଶିବ କଣ୍ଟିଲୋ ପଞ୍ଚାୟତ ଶିଳ୍ପାନୁଷ୍ଠାନ

- ଖଣ୍ଡପଡା ବ୍ଲକରେ ଥିଲା ଏକ ଟିନିକଲ
- କଣ୍ଟିଲୋଠାରେ ନୀଳମାଧବ ଆଲୁମିନିୟମ ବାସନ ଶିଳ୍ପାନୁଷ୍ଠାନ

**ଖଣ୍ଡପଡା,୧୩।୩(ସ୍ୱ.ପ୍ର.)**



ଜରାଜୀର୍ଣ୍ଣ ହୋଇପଡ଼ିଥିବା କଣ୍ଟିଲୋସ୍ଥିତ ନୀଳମାଧବ ଆଲୁମିନିୟମ ବାସନ ଶିଳ୍ପାନୁଷ୍ଠାନ

ଦୀର୍ଘ ୬୦ ବର୍ଷ ତଳେ ତତ୍କାଳୀନ ରାଜ୍ୟ ସରକାରଙ୍କର ନିଷ୍ପତ୍ତି ଅନୁଯାୟୀ କେତେକ ଗ୍ରାମପଞ୍ଚାୟତରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅବିଭକ୍ତ ପୁରୀ ଜିଲା ଅଧୀନରେ ଥିବା ନୟାଗଡର ପ୍ରତ୍ୟେକ ବ୍ଲକକୁ ପଞ୍ଚାୟତ ସମିତି ଭାବେ ଆଖ୍ୟା ଦିଆଯାଇ ଖଣ୍ଡପଡା ବ୍ଲକରେ ଏକ ଟିନିକଲ ଓ କଣ୍ଟିଲୋଠାରେ ନୀଳମାଧବ ଆଲୁମିନିୟମ ବାସନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା। ଲକ୍ଷାଧିକ ଟଙ୍କା ବ୍ୟୟରେ ପ୍ରତିଷ୍ଠା ହୋଇଥିବା ଏହି ଆଲୁମିନିୟମ ବାସନ ଶିଳ୍ପରେ ବିଭିନ୍ନ ପ୍ରକାର ବାସନ ସାମଗ୍ରୀ ପ୍ରସ୍ତୁତ ହୋଇ ବ୍ୟବସାୟ ପ୍ରତିଷ୍ଠାନକୁ ବିକ୍ରି କରାଯାଉଥିଲା । ସେଥିପାଇଁ ଶିଳ୍ପ ବିଭାଗ ପକ୍ଷରୁ ଏଠାରେ ଜଣେ ପଞ୍ଚାୟତ ଶିଳ୍ପ ଅଧିକାରୀ(ପିଆଇଓ)ଙ୍କୁ ନିଯୁକ୍ତି କରାଯାଇଥିଲା । ଏହି ପ୍ରତିଷ୍ଠାନ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବଜାର ଚାହିଦା ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠାନଟି ଲାଭଜନକ ସ୍ଥିତିରେ ରହିଥିଲା । ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ ଅନୁଷ୍ଠାନଟି ପରିଚାଳନାଗତ ତ୍ରୁଟି ଯୋଗୁ କ୍ଷତିର ସମ୍ମୁଖୀନ ହୋଇଥିଲା । ପରେ ଏହି ଶିଳ୍ପାନୁଷ୍ଠାନଟି ବନ୍ଦ ହୋଇଯାଇଥିଲା । ଏଠାରେ ଥିବା ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ଅଚଳ ହୋଇ ପଡିବା ସହିତ ଓ ଆବଶ୍ୟକ ସାମଗ୍ରୀମାନ ନଷ୍ଟ ହୋଇଯାଇଥିଲା । ନଷ୍ଟ ହେବାକୁ ବସିଥିବା ସମସ୍ତ ଯନ୍ତ୍ରପାତି ଓ ସେଠାରେ ରହିଯାଇଥିବା କେତେକ ସାମଗ୍ରୀକୁ ବିକ୍ରି କରାଯାଇ ସରକାରୀ ତହବିଲରେ ଡିପୋଜିଟ କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗଙ୍କ ଅନୁମତି କ୍ରମେ ସଂପୃକ୍ତ ଅନୁଷ୍ଠାନରେ ରହିଥିବା ଯନ୍ତ୍ରପାତି ଓ ସାମଗ୍ରୀମାନ ବିଧି ବ୍ୟବସ୍ଥା କ୍ରମେ ବିକ୍ରି କରାଯାଇ ସରକାରୀ ତହବିଲରେ ଜମା ହୋଇଥିଲା ବୋଲି ଜନୈକ ଶିଳ୍ପ ବିକାଶ ଅଧିକାରୀଙ୍କଠାରୁ ସୂଚନା ମିଳିଛି । ଇତି ମଧ୍ୟରେ କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ରହିଥିବା ସଂପୃକ୍ତ ଶିଳ୍ପାନୁଷ୍ଠାନଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ଏହାର ଅଫିସ ଗୃହଟି ଭୁଶୁଡି ପଡିଲାଣି। ଅବଶିଷ୍ଟ ଘର ଗୁଡିକ ଭଗ୍ନ ଅବସ୍ଥାରେ ରହିଥିଲେ ମଧ୍ୟ କିଛି ଲୋକ ଏହାକୁ ଜବରଦଖଲ କରି ସ୍ଥାୟୀ ଭାବେ ବସବାସ କରୁଥିବା ପରିଲକ୍ଷିତ ହେଉଛି । ସେହିପରି ଖଣ୍ଡପଡାରେ ଥିବା ଟିନିକଲର ମଧ୍ୟ ଚିହ୍ନବର୍ଣ୍ଣ ନାହିଁ । ଏଠାରେ ବର୍ତ୍ତମାନ ଅଗ୍ନିସେବାଶମ କାର୍ଯ୍ୟାଳୟ କାର୍ଯ୍ୟ କରୁଛି । ତେବେ ଏଠାରେ ପ୍ରଶ୍ନ ଉଠେ ରାଜ୍ୟ ସରକାର କୃଷି ଓ ଶିଳ୍ପ ଉପରେ ଅଗ୍ରାଧିକାର ଦେଇ ବିକାଶର ନାରା ଦେଉଥିବା ବେଳେ ଅତୀତର ସ୍ମୃତି ବହନ କରୁଥିବା ଶିଳ୍ପାନୁଷ୍ଠାନକୁ ଉଜ୍ଜୀବିତ କରି ଶିକ୍ଷିତ ବେକାର ଯୁବକମାନଙ୍କୁ କର୍ମନିଯୁକ୍ତି ଦିଆଯିବାକୁ ସାଧାରଣରେ ଦାବି ହେଉଛି।

**ଦକ୍ଷିଣ ପୂର୍ବ ମଧ ରେଳପଥ**
**ଭଣ୍ଡାର ସାମଗ୍ରୀ ଯୋଗାଣ**
ନଂ.: ଏସ୍/ଏପି/୨୦୧୯-୨୦/ଆଡିଶନ୍/
ତାରିଖ: ୦୯।୦୩।୨୦୨୦
ମାର୍ଚ୍ଚ ୨୦୨୦ ମାସର ରାୟପୁର ଡିଭିଜନରେ ଇ-ନିଲାମ ଅନୁସୂଚୀ କାର୍ଯ୍ୟକ୍ରମରେ ନିମ୍ନ ଅନୁଯାୟୀ ଯୋଗ କରାଯିବ: ରାୟପୁର/ଡିଭିଜନ: ୧୧।୦୩।୨୦୨୦, ୧୬।୦୩।୨୦୨୦, ୧୮।୦୩।୨୦୨୦, ୨୦।୦୩।୨୦୨୦, ୨୩।୦୩।୨୦୨୦, ୨୬।୦୩।୨୦୨୦, ୨୭।୦୩।୨୦୨୦, ୩୧।୦୩।୨୦୨୦। ଇ-ନିଲାମ ଅନୁସୂଚୀ ଏବଂ ଇ-କାଟାଲଗ୍ ପାଇଁ ଦୟାକରି ୱେବସାଇଟ୍ www.ireps.gov.in/e-Auction ପରିଦର୍ଶନ କରନ୍ତୁ। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ଡେପୁଟି ଚିଫ୍ ମ୍ୟାଟେରିଆଲ୍ସ ମ୍ୟାନେଜର/ବିକ୍ରୟ
CPR/10/489 ଏସ୍.ଇ.ସି.ରେଳପଥ/ବିଳାସପୁର
South East Central Railway @Secrail

**ପୂର୍ବ ମଧ ରେଳପଥ**
**ଇ-ଟେଣ୍ଡର ବିଜ୍ଞପ୍ତି**
ଇ-ଟେଣ୍ଡର ନଂ. ୨୦୧୯/ଡବ୍ଲ୍ୟୁପି/ଇଏନ୍‌ଜିଜି/କେଜିପି/ପିଏଚ୍-II/ଡବ୍ଲ୍ୟୁଟି-୧୭ (ଖୋଲା)
ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଇ-ଟେଣ୍ଡର (ଖୋଲା) ଆମନ୍ତ୍ରଣ କରାଯାଉଛି । (୧) କାର୍ଯ୍ୟର ନାମ ଓ ଏହାର ଅବସ୍ଥିତି: ଖଡ଼ଗପୁର ୱାର୍କଶପ୍ (ଫେଜ୍-II), ଦକ୍ଷିଣ ପୂର୍ବ ରେଳପଥଠାରେ ଏଲ୍ଏଚ୍‌ବି କୋଚଗୁଡ଼ିକ ପାଇଁ ପିଓଏଚ୍ କ୍ଷମତାର ପରିବର୍ଦ୍ଧନ ସଂକ୍ରାନ୍ତରେ କମ୍ପୋଜିଟ୍ କାର୍ଯ୍ୟ (ସିଭିଲ, ଇଲେକ୍ଟ୍ରିକାଲ ଓ ମେକାନିକାଲ) ଯାହା ମଧ୍ୟରେ ପ୍ରି-ଇଞ୍ଜିନିୟର୍ଡ ବିଲ୍ଡିଂ (ପିଇବି) ଇନ୍‌ସ୍ପେକ୍ସନ୍ ପିଟ୍, ଇଲେକ୍ଟ୍ରିକ ସବ୍‌ଷ୍ଟେଶନ (ଇଏସ୍ଏସ୍) ଟ୍ରାକ୍ କାର୍ଯ୍ୟ, ବିଦ୍ୟୁତୀକରଣ ଓ ଆଲୋକୀକରଣ କାର୍ଯ୍ୟ, ସୂଚିତ ମେକାନିକାଲ୍ ଯନ୍ତ୍ରପାତି ଓ କାରଖାନାର ସଂଗ୍ରହଣ ଓ କମିଶନିଂ ତଥା ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସିଭିଲ, ଇଲେକ୍ଟ୍ରିକାଲ ଓ ମେକାନିକାଲ୍ କାର୍ଯ୍ୟ ଅନ୍ତର୍ଭୁକ୍ତ। (୨) କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୩୩,୩୭,୧୩,୨୮୧.୪୩ (୩) ଜମା କରାଯିବାକୁ ଥିବା ଅମାନତ ରାଶି: ଟ.୧୮,୧୮,୬୦୦/- (୪) ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୩୦।୦୩।୨୦୨୦ରିଖ ୧୩.୦୦ ଘଟିକାରେ (୫) ୱେବସାଇଟ୍ ସୂଚନା ଏବଂ ନୋଟିସ୍ ବୋର୍ଡ ଅବସ୍ଥିତି ଯେଉଁଠାରେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ: ଟେଣ୍ଡର କେବଳ ଆଇଆରଇପିଏସ୍ ୱେବସାଇଟ୍ www.ireps.gov.inରୁ ଡାଉନଲୋଡ୍ ଓ ବିଡ୍ କରାଯାଇପାରିବ। ଅନ୍ୟ କୌଣସି ସୂଚନା ପାଇଁ ଦୟାକରି ଚିଫ୍ ଇଞ୍ଜିନିୟର-I/ୱାର୍କଶପ୍ ପ୍ରୋଜେକ୍ଟସ୍, ଭାରତୀୟ ରେଳପଥ, ଚାମ୍ବର ଭବନ, ୪ର୍ଥ ମହଲା (ଇଞ୍ଜିନିୟରିଂ ବିଭାଗ) ଜେ.ସି. ରୋଡ୍, ପାଟନା-୮୦୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
ସିଏଓ/ଡବ୍ଲ୍ୟୁପି/ପାଟନା
PR/2409/WPO/Engg./T/19-20/40

